

# ବାଣୀପ୍ରଜ୍ଞା



ଭାଗ-୦୧ | ସଂଖ୍ୟା-୦୧ | ଜୁଲାଇ, ୨୦୧୭ | ପୃଷ୍ଠା-୮ | ମାସିକ

## ଭିତର ପୃଷ୍ଠାରେ..


- ସ୍ୱର୍ଣ୍ଣାଭ 'ଉତ୍କଳ'ର ସ୍ୱର୍ଣ୍ଣିମ ଇତିହାସ
- ବିକାଶ ପଥେ ବାଣୀବିହାର
- ଦାୟିତ୍ୱ ଗ୍ରହଣ କଲେ ନୂଆ ପ୍ରଶାସନିକ ଅଧିକାରୀ
- ଗୁଗୁଲ୍ ଗାର୍ଲ 'ମେଘାଳୀ'


# ବାଣୀକ୍ଷେତ୍ରରେ ଘୋଷଯାତ୍ରା

ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଥିଲା ବାଣୀବିହାରର ବାଣୀକ୍ଷେତ୍ର। ସାଙ୍ଗରେ ବଡ଼ଭାଇ ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ଦର୍ଶନ ଦେବାକୁ ଭକ୍ତଙ୍କ ଗହଣକୁ ଚାଲିଆସିଥିଲେ କାଳିଆ ସାଆନ୍ତ। ରଥରେ ବିଜେକରି ବଡ଼ଭାଇ ଓ ସାନ ଭଉଣୀ ସହ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଭାବ ଓ ଭକ୍ତିରେ ବାଣୀକ୍ଷେତ୍ରର ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ରଥ ଗୁଣ୍ଡିଚାମନ୍ଦିର ଆଡ଼କୁ ଟାଣିନେଇଥିଲେ। ସନ୍ଧ୍ୟା ସୁଦ୍ଧା ମହାପ୍ରଭୁଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ରଥ ଉପରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲେ।

ବାଣୀବିହାରରରେ ଘୋଷଯାତ୍ରା ପାଇଁ ରଥ ଓ ପଥ ପ୍ରସ୍ତୁତ ଥିଲା। କାଳିଆ ଠାକୁର ରଥକୁ ବିଜେ କଲା ପରେ ଜଗନ୍ନାଥମୟ ହୋଇଉଠିଥିଲା ସମଗ୍ର ପରିବେଶ। ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ ଓ ରଥଟାଣିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦେଖାଦେଇଥିଲା ପ୍ରବଳ ଉତ୍ସାହ। ଘଣ୍ଟ, ଘଣ୍ଟା, କାହାଳି, ବାଜାବାଦ୍ୟ ସାଙ୍ଗକୁ ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ସାରା ଅଞ୍ଚଳ। ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା।

ପ୍ରଥମେ ସୁଦର୍ଶନଙ୍କ ପହଣ୍ଡି ବିଜେ ହେବା ପରେ ବଳଭଦ୍ର ଓ ଦେବୀ ସୁଭଦ୍ରା। ଏହାପରେ ପୂର୍ବାହ୍ନରେ ପହଣ୍ଡି ପରେ ଝୁଲି ଝୁଲି ରାଜରାସ୍ତାକୁ ଓହ୍ଲାଇ ଆସିଥିଲେ ବଡ଼ଠାକୁର। ସେ ଭକ୍ତର ଭାବ ଓ ଆବେଗର ବନ୍ଧା କାଳିଆଠାକୁର। ବଡ଼ ଭାଇ ବଳଭଦ୍ର ଓ ସାନଭଉଣୀ ସୁଭଦ୍ରାଙ୍କ ସହ ରଥାରୁଢ଼ ହେବା ପରେ



ବାଣୀକ୍ଷେତ୍ରରେ ଶ୍ରୀଜୀଉଙ୍କ ପୁରୀ ଗୁଣ୍ଡିଚା ଯାତ୍ରା ବିଧି ଅନୁଯାୟୀ ରଥଯାତ୍ରା ନୀତି ଆରମ୍ଭ ହୋଇଥିଲା। ରଥଉପରେ ଶ୍ରୀଜୀଉଙ୍କ ବିଭିନ୍ନ ବେଶ ଓ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀଜୀଉଙ୍କ ରଥରେ କୁଳପତି ପ୍ରଫେସର ଅଶୋକ କୁମାର ଦାସ ଛେରାପହଁରା କରିଥିଲେ। ଏହାପରେ ରଥକୁ ବନ୍ଦାପନା କରିବା ପରେ ଘୋଡ଼ା ଓ ସାରଥୀ ଲଗାଯାଇ ରଥଟଣା ଆରମ୍ଭ ହୋଇଥିଲା। ବାଣୀବିହାରର ବାଣୀକ୍ଷେତ୍ରରେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ୨୮ ଫୁଟ ଲମ୍ବର ରଥ ପ୍ରସ୍ତୁତ କରାଯାଇଥିଲା।

*ଅବଶିଷ୍ଟାଂଶ ପୃଷ୍ଠା ୭ରେ*

# ଭିତ୍ତିଭୂମି ବିକାଶ ଲାଗି ରୁସା ପାଣ୍ଠି ବିନିଯୋଗ ଆବଶ୍ୟକ

## କୁଳପତି ସମ୍ମିଳନୀ

ଭୁବନେଶ୍ୱର: ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କ ଭିତ୍ତିଭୂମି ବିକାଶ ଲାଗି ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା) ପାଣ୍ଠିକୁ ଉପଯୁକ୍ତ ଭାବେ ବିନିଯୋଗ କରିବା ଆବଶ୍ୟକ। ରୁସା ପାଣ୍ଠି ସହାୟତାରେ ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ଓ ଶୈକ୍ଷିକ ବାତାବରଣ ଲାଗି ଭିତ୍ତିଭୂମି ସୃଷ୍ଟି କରିବା ଦରକାର। ଏହାସହିତ ରାଜ୍ୟ ସରକାରଙ୍କୁ ରୁସା ପାଣ୍ଠିର ବିନିଯୋଗ ଓ ଉପଯୋଗ ପ୍ରମାଣପତ୍ର ନିର୍ଦ୍ଧାରିତ ସମୟରେ ଦାଖଲ କରିବା ଉଚିତ ବୋଲି ଉଚ୍ଚଶିକ୍ଷା ତଥା ଅତିରିକ୍ତ ମୁଖ୍ୟ ସଚିବ ଜିଭିଭି ଶର୍ମା ପ୍ରକାଶ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ କୁଳପତି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଗବେଷଣା ଓ ଶିକ୍ଷାଦାନ ସହିତ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ଓ ଆତ୍ମ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଶୋକ କୁମାର ଦାସ କହିଥିଲେ ଯେ ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ଓ ଶିକ୍ଷା କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ସମାଧାନ ଲାଗି ନିୟମିତ ବ୍ୟବଧାନରେ କୁଳପତି ସମ୍ମିଳନୀ କରାଯିବା ଆବଶ୍ୟକ। ଏହାଦ୍ୱାରା ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକ ସହିତ ଉତ୍ତମ ସମ୍ପର୍କ ସ୍ଥାପନ ହୋଇପାରିବ, ଶିକ୍ଷା ଓ ସାଂସ୍କୃତିକ ବିନିମୟ ହେବ ଏବଂ ବହୁ ସମସ୍ୟା ସମାଧାନ ହେବ ବୋଲି ସେ ମତ ଦେଇଥିଲେ।

ବିଶ୍ୱବିଦ୍ୟାଳୟରେ ଅଧ୍ୟାପକଙ୍କ ପଦବିନ୍ୟାସ, ଅଣଶିକ୍ଷକ ନିଯୁକ୍ତି ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଚଳିତ ନିୟମରେ ପରିବର୍ତ୍ତନ ଆଣିବା ପାଇଁ ସମ୍ମିଳନୀରେ ଆଲୋଚନା ହୋଇଥିଲା। ଅଣଶିକ୍ଷକ ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତା ଏବଂ ଡିଜିଟାଲ୍ କାର୍ଯ୍ୟକ୍ରମ କିଭଳି ପାଞ୍ଚବର୍ଷ ପର୍ଯ୍ୟନ୍ତ ଚାଲିବ, କୁଳପତିଙ୍କ କାର୍ଯ୍ୟକାଳ ଅବଧିକୁ ୩ ବର୍ଷ ପରିବର୍ତ୍ତେ ୫ବର୍ଷ ଓ ବୟସ ସୀମା ୭୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି, ସରକାରଙ୍କ ସୁପାରିସ ପରିବର୍ତ୍ତେ ନିଯୁକ୍ତି ବିଜ୍ଞାପନ ଆଧାରରେ କୁଳସଚିବ ଓ ବିତ୍ତ ନିୟନ୍ତ୍ରକ ପଦ ପୂରଣ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା।

ଏହି ସମ୍ମିଳନୀରେ ରେଭେନ୍ସା, ବ୍ରହ୍ମପୁର, ସମ୍ବଲପୁର, ଫକିରମୋହନ, ଗଙ୍ଗାଧର ମେହେର, ଖଲିକୋଟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତିମାନେ ଯୋଗଦେଇଥିଲେ।

# 'ବାଣୀବିହାର'ର ସ୍ୱର 'ବାଣୀପ୍ରଜ୍ଞା'

ଓଡ଼ିଶାର ଗୌରବ ଏବଂ ଓଡ଼ିଆ ଜାତିର ସ୍ୱାଭିମାନ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଶିକ୍ଷା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି। ରାଜ୍ୟ ଶିକ୍ଷାର ମାନକୁ ବିଶ୍ୱସ୍ତରରେ ପହଞ୍ଚାଇବା କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ପ୍ରମୁଖ ସ୍ଥାନ ଦଖଲ କରିଛି। ଆଜି ଏହା ସର୍ବଭାରତୀୟସ୍ତରରେ 'ନାକ୍ ଏ+' ମାନ୍ୟତା ହାସଲ କରିଛି।

ଉତ୍କର୍ଷ ଆକସ୍ମିକ ଭାବେ ହୁଏ ନୁହେଁ, ଏଥିପାଇଁ ଲୋଡ଼ା ହୁଏ ଏକନିଷ୍ଠ ନିରନ୍ତର ପ୍ରୟାସ ଓ ଆହ୍ୱାନକୁ ସୁଯୋଗରେ ପରିଣତ କରିବା ପାଇଁ ଦୂରଦୃଷ୍ଟି। ସମସ୍ତ ଶକ୍ତି, ସାମର୍ଥ୍ୟ ଓ ସମ୍ବଳକୁ ପ୍ରୟୋଗ କରି ଉତ୍କର୍ଷ ହାସଲ କରିବା ପାଇଁ ପ୍ରତିବଦ୍ଧତା ସହ କାର୍ଯ୍ୟ କରିବାକୁ ପଡ଼ିଥାଏ। ଜ୍ଞାନକୁ ପୁଞ୍ଜି ଭାବେ ଗ୍ରହଣ କରି ପ୍ରତିଭା ପ୍ରଦର୍ଶନ ସହ ଦକ୍ଷତା ବିକାଶ କଲେ ସଫଳତା ନିଶ୍ଚୟ ମିଳିବ।

ଜ୍ଞାନ ହିଁ ଶକ୍ତି। ଏହା ନିରନ୍ତର ପରିବର୍ତ୍ତନଶୀଳ ଓ କ୍ଷୀପ୍ରତାର ସହ ବିକଶିତ ହୁଏ। ଜ୍ଞାନ ହେଉଛି ସମ୍ପଦ। ଆଜିର ପ୍ରତିଦ୍ୱନ୍ଦ୍ୱିତାମୂଳକ ଯୁଗରେ ଜ୍ଞାନର ଉପଯୋଗ କରି ସଫଳତା ପାଇବା ପାଇଁ ଆହ୍ୱାନ ସୃଷ୍ଟି କରିଛି। ଜାତୀୟ ଓ ଅନ୍ତର୍ଜାତୀୟ ମାନର ପ୍ରତିଯୋଗିତାରେ ସଫଳତା ପାଇବାକୁ ଜ୍ଞାନର ଅଭିବୃଦ୍ଧି ଓ ଅନ୍ତର୍ନିହିତ ଗୁଣର ବିକାଶ କରିବା ଉଚିତ। ଜୀବନର ଆହ୍ୱାନକୁ ଗ୍ରହଣ କରି ଆଜିର ପରିବର୍ତ୍ତନଶୀଳ ସମାଜକୁ ନିଜର ଜ୍ଞାନ ଓ ସୃଜନଶୀଳତା ଜରିଆରେ ସମୃଦ୍ଧ କରିବା ଦରକାର। ସେଥିପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆତ୍ମପ୍ରକାଶ କରିଛି ଓଡ଼ିଆ ପାକ୍ଷିକ ଖବରକାଗଜ 'ବାଣୀପ୍ରଜ୍ଞା'।

ସାମ୍ବାଦିକତା ଓ ଗଣଯୋଗାଯୋଗ ଛାତ୍ରଛାତ୍ରୀଙ୍କ ପ୍ରୟୋଗଶାଳା ଭାବେ ବିବେଚିତ ହେବ 'ବାଣୀପ୍ରଜ୍ଞା'। ବାଣୀବିହାର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସାରସ୍ୱତ ସମ୍ଭାର ଓ ସୃଜନଶୀଳ ଚିନ୍ତାଧାରା ପ୍ରତିଫଳିତ ହେବା ସାଙ୍ଗକୁ ସେମାନଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାରେ 'ବାଣୀପ୍ରଜ୍ଞା' ପ୍ରମୁଖ ଭୂମିକା ନିର୍ବାହ କରିବ। ସେମାନଙ୍କ ପାଇଁ 'ବାଣୀପ୍ରଜ୍ଞା' ହେବ 'ବାଣୀବିହାର'ର ସ୍ୱର ଏବଂ ସେମାନେ ସମସ୍ତେ ହେବେ 'ବାଣୀପ୍ରଜ୍ଞା'ର ଜଣେ ଲେଖାଏଁ ପ୍ରତିନିଧି। ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦରେ 'ବାଣୀପ୍ରଜ୍ଞା'ର ଉନ୍ନତି ହେଉ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସରସ୍ୱତୀଙ୍କ ନିକଟରେ କାମନା।

*ସମ୍ପାଦିକା, 'ବାଣୀପ୍ରଜ୍ଞା'*

## କୁଳପତିଙ୍କ କଲମରୁ..

# ଶୁଭେଚ୍ଛା ବାର୍ତ୍ତା



'ବାଣୀପ୍ରଜ୍ଞା' ଶବ୍ଦର ଭାବାର୍ଥ ହେଉଛି 'ବାଣୀବିହାରର ପ୍ରଜ୍ଞା ବା ଜ୍ଞାନ'। ଓଡ଼ିଶାର ଏହି ପ୍ରମୁଖ ଏବଂ ସର୍ବପୁରାତନ ପ୍ରାଦେଶିକ ବିଶ୍ୱବିଦ୍ୟାଳୟ ବାଣୀବିହାର ହେଉଛି ପ୍ରକୃତରେ ଏକ ପ୍ରଜ୍ଞାକ୍ଷେତ୍ର। 'ବାଣୀପ୍ରଜ୍ଞା' ହେଉଛି ଏହି ମାଟିର ଏକ ନିଆରା ମୁଖପତ୍ର ଯାହାକି ବାଣୀବିହାରର ସକଳ ଶ୍ରେଷ୍ଠତାକୁ ବାହାର ଦୁନିଆରେ ପ୍ରଦର୍ଶନ କରିବାକୁ ଦୃଢ଼ ଭାବରେ ଚେଷ୍ଟିତ ହେବ। ସମଗ୍ର ଓଡ଼ିଶା ପ୍ରଦେଶର ମେଧାବୀ ଛାତ୍ରଛାତ୍ରୀଙ୍କ ସଫଳତାର କାହାଣୀ ଏବଂ ମୁକ୍ତ ଚିନ୍ତନକୁ ଏହା ବହନ କରିବ ଯାହାକି ଏହି ଦୁଇବର୍ଷର ରହଣି ମଧ୍ୟରେ ସେମାନଙ୍କ ଜୀବନରେ ରୂପାନ୍ତର ଘଟାଇଛି।

'ବାଣୀପ୍ରଜ୍ଞାନ' ବାଣୀବିହାର ପରିସରର ମଣିଷଙ୍କ ସୁଖଦୁଃଖ, ହସକାନ୍ଦ ଏବଂ ବାସ୍ତବ ଜୀବନର ପ୍ରତିଛବିକୁ ପ୍ରତିବିମ୍ବିତ କରିବ। ଏହି ପବିତ୍ର ବାଣୀଭୂମିର ସମସ୍ତ ସାହିତ୍ୟିକ, ରୁଚିସମ୍ପନ୍ନ ଛାତ୍ରଛାତ୍ରୀ, ସାହିତ୍ୟିକ ଶିକ୍ଷକଶିକ୍ଷିକା ଅଥବା କାର୍ଯ୍ୟାଳୟର କବିମାନଙ୍କୁ ନିଜନିଜ ଲୁକ୍କାୟିତ ସୃଜନଶୀଳ ପ୍ରତିଭାର ପ୍ରଦର୍ଶନ କରିବା ପାଇଁ ଏହା ଏକ ସ୍ୱତନ୍ତ୍ର ମଞ୍ଚ ପ୍ରଦାନ କରିବ।

ଆସନ୍ତୁ ସମସ୍ତେ ଏକାଠି ହେବା ଏବଂ 'ବାଣୀପ୍ରଜ୍ଞା' ସଭିଙ୍କ ଚେତନାରେ ଜ୍ଞାନର ପ୍ରଦୀପ ଜାଳିଦେବା ସହିତ ସାରସ୍ୱତ ଜଗତରେ ଦୀର୍ଘଜୀବୀ ହେଉ ବୋଲି କାମନା କରିବା।

*ପ୍ରଫେସର ଅଶୋକ କୁମାର ଦାସ*
*କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ*
*ବାଣୀବିହାର, ଭୁବନେଶ୍ୱର*

## ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଶାସନିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ

# ଦାୟିତ୍ୱ ଗ୍ରହଣ କଲେ ନୂଆ ପ୍ରଶାସନିକ ଅଧିକାରୀ

ଭୁବନେଶ୍ୱର: ଉତ୍କଳ ବିଶ୍ୱବିଦ୍ୟାଳୟରେ ଜୁନ୍ ପହିଲାରୁ ପ୍ରଶାସନିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି। ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ଓ ୱାର୍ଡେନଙ୍କ ସମେତ ବାଣୀବିହାର ସମସ୍ତ ସ୍ନାତକୋତ୍ତର ବିଭାଗ ମୁଖ୍ୟଙ୍କ କାର୍ଯ୍ୟକାଳ ମେ'୩୧ରେ ଶେଷ ହୋଇଛି। ବିଶ୍ୱବିଦ୍ୟାଳୟ ପରିଚାଳନା ପାଇଁ ଜୁନ୍ ପହିଲାରୁ ନୂଆ ପ୍ରଶାସିନିକ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ଭାବେ ରାଜନୀତି ବିଜ୍ଞାନ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ଦାୟିତ୍ୱ ଗ୍ରହଣ କରିଛନ୍ତି।

ସେହିପରି ମାନବ ବିଜ୍ଞାନ ବିଭାଗ ପ୍ରଫେସର କିଶୋର କୁମାର ବାସା ୱାର୍ଡେନ୍ ଭାବେ ଦାୟିତ୍ୱ ନେଇଥିବାବେଳେ ଭୂଗୋଳ ବିଭାଗ ପ୍ରଫେସର କବୀର ମୋହନ ସେଠୀ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଓ ବାଣିଜ୍ୟ ବିଭାଗ ପ୍ରଫେସର ଜୟନ୍ତ କୁମାର ପରିଡ଼ା ମାନବ ସମ୍ବଳ ବିକାଶ କେନ୍ଦ୍ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଇଛନ୍ତି। ସେହିପରି ୨୭ଟି ସ୍ନାତକୋତ୍ତର ବିଭାଗ ମୁଖ୍ୟ ଜୁନ୍ ୧ରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟକୁ ନାକ୍ ଏ+ ମାନ୍ୟତା ମିଳିବା ପରେ ନୂଆ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ରହିବ। ବାଣୀବିହାରରେ ପାଠପଢ଼ା ଓ ଗବେଷଣା କ୍ଷେତ୍ରରେ ନୂଆ ଦିଶା ସୃଷ୍ଟି କରିବ ବୋଲି ବୋଲି ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅଭିଭାବକ ମହଲରେ ଆଶା ପ୍ରକାଶ କରାଯାଇଛି।

## ବ୍ରହ୍ମାନନ୍ଦ ଶତପଥୀ ନୂଆ ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ



ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ୍‌ର ନୂଆ ଅଧ୍ୟକ୍ଷ ଭାବେ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷର କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ବାଣୀବିହାରରେ ଶୈକ୍ଷିକ ବାତାବରଣ ବଜାୟ ରଖିବା ସହିତ ଶିକ୍ଷା ଓ ଗବେଷଣାକୁ ଗୁରୁତ୍ୱ ଦିଆଯିବ ବୋଲି ନୂଆ ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ କହିଛନ୍ତି। ନିର୍ଦ୍ଧାରିତ ସମୟରେ ନାମଲେଖା, ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶ କରାଯିବ। ଛାତ୍ରଛାତ୍ରୀମାନେ ଯେଉଁଳି ପାଠପଢ଼ା ସାଙ୍ଗକୁ ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ସଫଳତା ପାଇପାରିବେ ସେଥିପାଇଁ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି।

୧୯୯୨ରେ ରାଜନୀତି ବିଜ୍ଞାନ ବିଭାଗରେ ପ୍ରାଧ୍ୟାପକ ଭାବେ ଯୋଗଦେଇ ଥିବାବେଳେ ୨୦୦୦ରୁ ସେ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ଦାୟିତ୍ୱ ନେବା ପୂର୍ବରୁ ପ୍ରଫେସର ଶତପଥୀ ଉତ୍କଳ ବିଶ୍ୱବିଦ୍ୟାଳୟର ୱାର୍ଡେନ୍, ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ୍ ସାଇନ୍ସ ଡିନ୍, ଉପକୁଳସଚିବ, ଉନ୍ନୟନ ଅଧିକାରୀ, ଛାତ୍ର ମଙ୍ଗଳ ନିର୍ଦ୍ଦେଶକ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି ଓ ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

ସମ୍ପ୍ରତି ସିଣ୍ଡିକେଟ୍ ସଦସ୍ୟ ଥିବା ପ୍ରଫେସର ଶତପଥୀ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ଜଣାଶୁଣା। ସେ ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ଭାବେ ଯୋଗଦେବା ପରେ ବାଣୀବିହାରରେ ଖୁସିର ଲହରି ଖେଳିଯାଇଛି ଏବଂ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କ୍ୟାମ୍ପସରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଛାତ୍ରଛାତ୍ରୀଙ୍କ ସମସ୍ୟାର ତ୍ୱରିତ ସମାଧାନ ପ୍ରାଥମିକ ଦାୟିତ୍ୱ ରହିବ ବୋଲି ସେ କହିଛନ୍ତି।

## ବାଣୀବିହାର ନୂଆ ସ୍ନାତକୋତ୍ତର ବିଭାଗ ମୁଖ୍ୟ

| | |
|---|---|
| ଅର୍ଥଶାସ୍ତ୍ର | ଡ.ଶିବଶଙ୍କର ମହାନ୍ତି |
| ମାନବବିଜ୍ଞାନ | ଡ.ପ୍ରସନ୍ନ କୁମାର ପାତ୍ର |
| ଏଆଇଏଚ୍‌ସିଏ | ଡ.ସଞ୍ଜୟ ଆଚାର୍ଯ୍ୟ |
| ବାୟୋଟେକ୍ନୋଲୋଜି | ଡ.ସବୁଜ ସାହୁ |
| ଉଦ୍ଭିଦବିଜ୍ଞାନ | ଡ.ଚିନ୍ମୟ ପ୍ରଧାନ |
| ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେସନ | ଡ.ସତ୍ୟସ୍ୱରୂପ ଦେବାଶିଷ |
| ରସାୟନ ବିଜ୍ଞାନ | ଡ.ନିଗମାନନ୍ଦ ଦାସ |
| ଇଂରାଜୀ | ଅସୀମ ରଞ୍ଜନ ପାଢ଼ୀ |
| ବାଣିଜ୍ୟ | ଡ.ଅନିଲ କୁମାର ସ୍ୱାଇଁ |
| କମ୍ପ୍ୟୁଟର ସାଇନ୍ସ ଆଣ୍ଡ୍ ଆପ୍ଲିକେସନ୍ | ଡ.ବିକ୍ରମ କେଶରୀ ରଥ |
| ଭୂବିଜ୍ଞାନ | ଡ.ବିଜୟ କୁମାର ରଥ |
| ଭୂଗୋଳ | ଡ.କବୀରମୋହନ ସେଠୀ |
| ପଦାର୍ଥ ବିଜ୍ଞାନ | ଶେଷାଂଶୁ ଶେଖର ପାଳ |
| ଲୋକପ୍ରଶାସନ | ଡ.ପଦ୍ମାଳୟା ମହାପାତ୍ର |
| ସଂସ୍କୃତ | ଡ.ବ୍ରଜସୁନ୍ଦର ମିଶ୍ର |
| ସମାଜବିଜ୍ଞାନ | ଡ.ମ୍ୟାରି ଗାବ୍ରିଏଲାଲ୍ ବାଗେ |
| ପିଏମ୍‌ଆଇଆର୍ | ଡ.ବିଜୟକୁମାର ସୁନ୍ଦରାୟ |
| ରାଜନୀତି ବିଜ୍ଞାନ | ଡ.ସ୍ମିତା ନାୟକ |
| ପ୍ରାଣୀବିଜ୍ଞାନ | ଡ.ଗୁଣନିଧି ସାହୁ |
| ଇତିହାସ | ଡ.ସୋମାରାଣୀ ଚାନ୍ଦ |
| ଆଇନ | ଡ.ମନୋଜକୁମାର ସାଡୁଆଲ୍ |
| ଲାଇବ୍ରେରି ଆଣ୍ଡ ଇନ୍‌ଫର୍ମେସନ୍ ସାଇନ୍ସ | ଡ.ପୁଷ୍ପାଞ୍ଜଳି ଜେନା |
| ଓଡ଼ିଆ | ଡ.ବିଷ୍ଣୁପ୍ରିୟା ଓତା |
| ଦର୍ଶନଶାସ୍ତ୍ର | ଡ.ବ୍ରହ୍ମାନନ୍ଦ ଶତପଥୀ |
| ଗଣିତ | ଡ.ନମିତା ଦାସ |
| ମନସ୍ତତ୍ୱ | ଡ.ଭାସ୍ୱତୀ ପଟ୍ଟନାୟକ |

## ଜୟନ୍ତ ପରିଡ଼ା ମାନବ ସମ୍ବଳ ବିଭାଗ ନୂଆ ନିର୍ଦ୍ଦେଶକ



ଭୁବନେଶ୍ୱର: ଉତ୍କଳ ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ର ଏବଂ ଏକାଡେମିକ୍ ଷ୍ଟାଫ୍ କଲେଜର ନିର୍ଦ୍ଦେଶକ ଭାବେ ପ୍ରଫେସର ଜୟନ୍ତ କୁମାର ପରିଡ଼ା ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଫେସର ପରିଡ଼ା କହିଛନ୍ତି ଯେ ବାଣୀବିହାରରେ ତାଲିମଗ୍ରହଣ ପାଇଁ ଆସୁଥିବା ଅଧ୍ୟାପକ ଓ ଅଧ୍ୟାପିକାଙ୍କ ରହଣି ବ୍ୟବସ୍ଥା ସାଙ୍ଗକୁ ମାନବ ସମ୍ବଳ ବିକାଶ କେନ୍ଦ୍ର କାର୍ଯ୍ୟାଳୟ ପାଇଁ କୋଠା ନିର୍ମାଣ କରାଯିବ।

ଜାତୀୟସ୍ତରୀୟ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଜୁନ୍ ୨୭ରୁ ଆରମ୍ଭ ହେବ ଏବଂ ଏହା ୪ସପ୍ତାହ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଦକ୍ଷତା ବୃଦ୍ଧି ଲାଗି ୨୨ଟି ବିଷୟରେ 'ରିଫ୍ରେସର୍ ଆଣ୍ଡ ଓରିଏଣ୍ଟେସନ୍' କୋର୍ସରେ ପ୍ରଶିକ୍ଷଣ ପ୍ରଦାନ ପାଇଁ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ସେ ଚିଠି ଲେଖିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗରେ ବରିଷ୍ଠ ଅଧ୍ୟାପକ ଭାବେ ୧୯୯୦ରେ ଯୋଗଦେଇଥିବା ଜୟନ୍ତ କୁମାର ପରିଡ଼ା ପରବର୍ତ୍ତୀ ସମୟରେ ପଦନ୍ନୋତି ପାଇ ପ୍ରାଧ୍ୟାପକ ଓ ପ୍ରଫେସର ହୋଇଛନ୍ତି।

ସର୍ବଭାରତଦୀୟ ବାଣିଜ୍ୟ ମହାସଂଘର ସଭାପତି, ୩୦ଟି ବିଶ୍ୱବିଦ୍ୟାଳୟର ୟୁଜିସି ନୋମିନି, ବେଙ୍ଗାଲୁରୁ ନାକ୍ କମିଟି ସଦସ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଓ ଛାତ୍ର ସଂସଦ ଉପଦେଷ୍ଟା ଭାବେ ସଫଳତା ସହ କାର୍ଯ୍ୟକରି ପ୍ରଶଂସିତ ହୋଇଛନ୍ତି। ଚୀନ୍, କାଠମାଣ୍ଡୁ, ମାଲେସିଆ, ସିଙ୍ଗାପୁର, ଗ୍ରିସ୍ ଆଦି ୮ଟି ଦେଶରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତିକ ସମ୍ମିଳନୀ ଓ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଛନ୍ତି। ତାଙ୍କ ଅଧୀନରେ ୧୮ଜଣ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି ଡିଗ୍ରୀ ମିଳିଛି।

## ବାଣୀବିହାର କ୍ରୀଡ଼ା ପରିଷଦ ନୂଆ ନିର୍ଦ୍ଦେଶକ



ଭୁବନେଶ୍ୱର:ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନୂଆ ନିର୍ଦ୍ଦେଶକ ଭାବେ ପ୍ରଫେସର କବୀର ମୋହନ ସେଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆ ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ ପରେ ପ୍ରଫେସର ସେଠୀ କହିଠଛନ୍ତି ଯେ ବାଣୀବିହାର ପରିସରରେ ଥିବା ବିଜୁ ପଟ୍ଟନାୟକ ମୁକ୍ତାକାଶ କ୍ରୀଡ଼ାଙ୍ଗନର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରାଯିବ। ସେହିପରି ଷ୍ଟାଡ଼ିୟମ୍ ପରିସରରେ ଟେନିସ୍ କୋର୍ଟ ଓ କବାଡ଼ି କୋର୍ଟ ସାଙ୍ଗକୁ ପାଦଚଲା ରାସ୍ତା ତିଆରି ହେବ। ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ କିଭଳି ଜାତୀୟ ତଥା ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ହାସଲ କରିପାରିବେ ସେଥିପାଇଁ ସେମାନଙ୍କୁ ଯୋଜନାବଦ୍ଧ ଭାବେ ପ୍ରଶିକ୍ଷଣ ଦିଆଯିବ। କ୍ରୀଡ଼ା କ୍ଷେତ୍ରକୁ କ୍ୟାରିୟର ଭାବେ ଗଠନ କରିବା ଲାଗି ଆଗ୍ରହୀ ଥିବା ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ତାଲିମ, ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗାଇ ଦିଆଯିବା ନେଇ ପଦକ୍ଷେପ ନିଆଯିବ। ବାଣୀବିହାର ଭୁଗୋଳ ବିଭାଗରେ ୧୯୯୧ରେ ଅଧ୍ୟାପକ ଭାବେ ଯୋଗଦେଇଥିବା କବୀର ମୋହନ ସେଠୀ ପରବର୍ତ୍ତୀ ସମୟରେ ପ୍ରାଧ୍ୟାପକ ଓ ପ୍ରଫେସର ପଦକୁ ପଦନ୍ନୋତି ହୋଇଛନ୍ତି। ଏହାପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ନିର୍ଦ୍ଦେଶକ ଓ ଉନ୍ନୟନ ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି। ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ଜଣାଶୁଣା ପ୍ରଫେସର ସେଠୀ ଏବେ 'ନାକେଟ୍'ର 'ଏ' ଗ୍ରେଡ୍ ସଦସ୍ୟ। ୟୁଏନ୍‌ଡିପି, ୟୁନିସେଫ୍, କାନ୍‌ସା ଓ ଆର୍‌ସିଡିସିର ମିଳିତ ସହଯୋଗରେ 'ଓଡ଼ିଶାରେ ପାଣିପାଗ ପରିବର୍ତ୍ତନ' ଶୀର୍ଷକ ତାଙ୍କର ସୃଜନାତ୍ମକ ଗବେଷଣା ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଆଦୃତ ହୋଇଛି।

## କିଶୋର ବାସାଙ୍କୁ ୱାର୍ଡେନ୍ ଦାୟିତ୍ୱ



ଉତ୍କଳ ବିଶ୍ୱବିଦ୍ୟାଳୟ ମାନବ ବିଜ୍ଞାନ ସ୍ନାତକୋତ୍ତର ବିଭାଗ ପ୍ରଫେସର କିଶୋର କୁମାର ବାସା ବାଣୀବିହାର ହଷ୍ଟେଲ୍‌ର ୱାର୍ଡେନ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ସମ୍ପ୍ରତି ବାଣୀବିହାରରେ ୬ଟି ଛାତ୍ରାବାସ ଥିବାବେଳେ ୭ଟି ଛାତ୍ରୀନିବାସ ରହିଛି। ସୁପରିଟେଣ୍ଡେଣ୍ଟ ଓ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟଙ୍କ ସହ ଆଲୋଚନା କରି ଛାତ୍ରାବାସ ଓ ଛାତ୍ରୀନିବାସଗୁଡ଼ିକରେ ଶୈକ୍ଷିକ ବାତାବରଣ ବଜାୟ ରଖିବା ସାଙ୍ଗକୁ ଅନ୍ତେବାସୀ ଓ ଅନ୍ତେବାସିନୀଙ୍କ ସମସ୍ୟା ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରଫେସର ବାସା କହିଛନ୍ତି।

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ୧୯୭୩ରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଟପ୍ପର ହୋଇଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏମ୍‌ଏ କରିଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ମାନବ ବିଜ୍ଞାନରେ ଏମ୍‌ଏ କରିଛନ୍ତି। ଲଣ୍ଡନ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି କରିଥିବା ପ୍ରଫେସର ବାସା ୧୯୮୦ରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବେ ଯୋଗଦେଇଥିଲେ। ନାକ୍ କୋଅର୍ଡିନେଟର୍ ଭାବେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଥିବା ପ୍ରଫେସର ବାସା ସମ୍ପ୍ରତି ଆଇକ୍ୟୁଏସି ଏବଂ ଏସ୍‌ଏଫ୍‌ଏସ୍ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ।

ଭୋପାଳସ୍ଥିତ ଇନ୍ଦିରାଗାନ୍ଧି ରାଷ୍ଟ୍ରୀୟ ମାନବ ସଂଗ୍ରହାଳୟ, କୋଲ୍‌କାତା ଇଣ୍ଡିଆନ୍ ମ୍ୟୁଜିୟମ୍ ଏବଂ ଭାରତୀୟ ମାନବ ବିଜ୍ଞାନ ସର୍ବେକ୍ଷଣର ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

# ସ୍ୱର୍ଣ୍ଣାଭ 'ଉତ୍କଳ'ର ସ୍ୱର୍ଣ୍ଣିମ ଇତିହାସ



ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ

**ଚଳିତ ଦଶନ୍ଧିର ପ୍ରଥମାର୍ଦ୍ଧରେ 'ଉତ୍କଳ ବିଶ୍ୱବିଦ୍ୟାଳୟ'ରେ ୟୁଜିସି ସହାୟତାରେ ସାମ୍ବାଦିକତା, ପର୍ଯ୍ୟଟନ ଓ ଯୋଗ ଆଦି ସ୍ୱତନ୍ତ୍ର ପାଠ୍ୟକ୍ରମ ଖୋଲାଯାଇଥିବାବେଳେ ଘରୋଇ ଭାଗିଦାରି ସହାୟତା(ପିପିପିମୋଡ୍)ରେ କୃଷି ବ୍ୟବସାୟ ପରିଚାଳନା ଏବଂ ଆଇଟିରେ ଏମ୍‌ଟେକ୍ ଆଦି ପାଠ୍ୟକ୍ରମ ପ୍ରଚଳିତ ହୋଇଛି। ସାମଗ୍ରିକ ଭାବରେ ୨୭ଟି ସ୍ନାତକୋତ୍ତର ବିଭାଗ, ୧୭ଟି ସ୍ୱାବଲମ୍ବୀ ପାଠ୍ୟକ୍ରମ, ୩ଟି ନିଜସ୍ୱ ମହାବିଦ୍ୟାଳୟ, ୩୫୧ଟି ଅନୁବନ୍ଧିତ ମହାବିଦ୍ୟାଳୟ, ୧୫ଟି ସ୍ୱୟଂଶାସିତ ମହାବିଦ୍ୟାୟ ଇତ୍ୟାଦିରେ ସ୍ନାତକ, ସ୍ନାତକୋତ୍ତର, ଅଧିସ୍ନାତକ ଓ ବିଭୁଷଣ ପାଠ୍ୟକ୍ରମ ମାଧ୍ୟମରେ ଓଡ଼ିଶା ତଥା ଭାରତ ବର୍ଷର ଶିକ୍ଷା କ୍ଷେତ୍ରରେ ଏହି ମହାନ ଅନୁଷ୍ଠାନ ନିଜସ୍ୱ ପରଚୟ ସୃଷ୍ଟି କରିଛି।**




ପ୍ରଗତିର ପଞ୍ଚସ୍ତରୀ ବର୍ଷ। ବାଣୀବିହାର ପରିସରରେ ଦୀର୍ଘ ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ଅନବରତ କୃତୀ ସନ୍ତାନ ପ୍ରସ୍ତୁତ କରି ଚାଲିଛି ଓଡ଼ିଶାର ଏହି ଜନନୀ ବିଶ୍ୱବିଦ୍ୟାଳୟ। ଅନେକ ସୁଖ ଦୁଃଖର ଅନୁଭବ ଓ ଅନୁଭୂତିରେ ସମୃଦ୍ଧ ଏହି ସର୍ବପୁରାତନ, ସର୍ବବୃହତ୍, ସର୍ବଶ୍ରେଷ୍ଠ, ସର୍ବବିଦ୍ୟ ବିଶ୍ୱବିଦ୍ୟାଳୟ।

୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ହେବା ପର୍ଯ୍ୟନ୍ତ ଦେଶର ଏ ଅଞ୍ଚଳର ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପାଟଣା ବା ଆନ୍ଧ୍ର ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ଥିଲେ। ପ୍ରଥମ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ୨ ମାର୍ଚ୍ଚ ୧୯୩୮ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ବିଶ୍ୱନାଥ ଦାଶ ପଣ୍ଡିତ ନୀଳକଣ୍ଠ ଦାଶ(ତତ୍କାଳୀନ ବାଚସ୍ପତି)ଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମ୍ଭାବନାକୁ ଅନୁଧ୍ୟାନ କରିବା ପାଇଁ ଏକ କମିଟି ଗଠନ କରିଥିଲେ। ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଉକ୍ତ କମିଟିର ପ୍ରସ୍ତାବ ଗୃହୀତ ହେଲା ଏବଂ ୧୯୪୩ ମସିହା ଜୁନ୍ ୩୦ତାରିଖ ଦିନ ତତ୍କାଳନୀ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର ରାଜ୍ୟ ବିଧାନସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟ ବିଲ୍ ଉପସ୍ଥାପିତ କରିଥିଲେ। ୧୯୪୩ ମସିହା ଅଗଷ୍ଟ ୨ତାରିଖରେ ରାଜ୍ୟପାଳଙ୍କ ସ୍ୱୀକୃତି ପରେ ଏହା କାର୍ଯ୍ୟକାରୀ ହେଲା ଏବଂ ବାସ୍ତବରେ ସେହିବର୍ଷ ନଭେମ୍ବର ୨୭ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ରେଭେନ୍ସା କଲେଜ(ଏବେ ବିଶ୍ୱବିଦ୍ୟାଳୟ)ରେ କାର୍ଯ୍ୟ ଆରମ୍ଭ କରିଥିଲା।

ଏହି ଆଇନ ଅନୁଯାୟୀ ଓଡ଼ିଶାର ସମସ୍ତ ରାଜକୀୟ ଅଞ୍ଚଳ, ରାଜିନାମା ଜରିଆରେ ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିଲେ ଏବଂ ୧୯୪୭ ଓ ୧୯୫୦ ମସିହାର ଆଇନ୍‌ରେ ସ୍ୱତନ୍ତ୍ର ପରିବର୍ତ୍ତନ ଜରିଆରେ ସମଗ୍ର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଏହି ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିଥିଲା। ୧୯୫୬ ମସିହା ଯାଏ, ଏହି ବିଶ୍ୱବିଦ୍ୟାଳୟ ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀମାନଙ୍କର ସ୍ନାତକ(ଡିଗ୍ରୀ) ପରୀକ୍ଷା ସହ ମାଟ୍ରିକ୍ୟୁଲେସନ୍ ପରୀକ୍ଷା କରି ସାର୍ଟିଫିକେଟ୍ ପ୍ରଦାନ କରୁଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡ ପ୍ରତିଷ୍ଠା ହେବା ପରେ ଏହା କେବଳ ମହାବିଦ୍ୟାଳୟମାନଙ୍କର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା କରିବା ସହ ଡିଗ୍ରୀ ପ୍ରଦାନ କରୁଥିଲା। କେବଳ ଏକ ଅନୁବନ୍ଧନକାରୀ ଅନୁଷ୍ଠାନ ହିସାବରେ ଏହା କାର୍ଯ୍ୟକ୍ଷମ ଥିଲା ଏବଂ ପ୍ରଫେସର ପ୍ରାଣକୃଷ୍ଣ ପରିଜା ପ୍ରଥମ କୁଳପତି ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ତତ୍କାଳୀନ ଇଂରାଜୀ ଅଧ୍ୟାପକ ଭଭି ଜନ୍ ପ୍ରଥମ କୁଳସଚିବ ନିଯୁକ୍ତ ହୋଇଥିଲେ। ୧୯୮୨ରେ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରତିଷ୍ଠା ପରେ ଏହାର ପରିଧି ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ସୀମିତ ହେଲା।

୧୯୪୯ ମସିହାରେ ଏହା ସେତେବେଳେ ସ୍ନାତକ ଆଇନ ବିଭାଗର ପରିଚାଳନକାକୁ ହାତକୁ ନେଲା, ଯାହା କି ୧୯୫୬ ମସିହାଠାରୁ ମଧୁସୂଦନ ଆଇନ ମହାବିଦ୍ୟାଳୟ ହିସାବରେ ଏବଂ ଉତ୍କଳର ଏକ ନିଜସ୍ୱ ଅନୁଷ୍ଠାନ ଭାବରେ କାର୍ଯ୍ୟ କଲା। ୧୯୫୬ ମସିହାରେ ଉତ୍କଳ ଅଧୀନରେ ଭୂତତ୍ତ୍ୱ ବିଜ୍ଞାନ ସ୍ନାତକୋତ୍ତର ବିଭାଗ ରେଭେନ୍ସାରେ ଏବଂ ସମ୍ବଲପୁରର ବୁର୍ଲାଠାରେ ଏକ ବୈଷୟିକ ଶିକ୍ଷାନୁଷ୍ଠାନ(ବର୍ତ୍ତମାନର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ) ପ୍ରତିଷ୍ଠା ହେଲା। ସେହିବର୍ଷ ଫୋର୍ଡ ଫାଉଣ୍ଡେସନ୍ ସହାୟତାରେ ଉତ୍କଳ ଅଧୀନରେ ଗ୍ରାମ୍ୟ ଅର୍ଥନୀତି ଓ ସମାଜ ବିଜ୍ଞାନ ବିଭାଗ ନାମରେ ଗବେଷଣା ଅନୁଷ୍ଠାନ ପ୍ରତିଷ୍ଠିତ ହେଲ।

୧୯୫୭ ମସିହାରେ ଏହା ଅଧୀନରେ ବର୍ତ୍ତମାନ କୋଠାରେ ଦର୍ଶନ ଓ ସଂସ୍କୃତ ବିଭାଗ କାର୍ଯ୍ୟକ୍ଷମ ହେଲା ଏବଂ ସେହି ବର୍ଷ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ କଟକର ସର୍କିଟ୍ ହାଉସ୍‌କୁ ସ୍ଥାନାନ୍ତରିତ ହୋଇଥିଲା। ରେଭେନ୍ସା ମହାବିଦ୍ୟାଳୟରେ ଯେଉଁ ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ନ ଥିଲା, ସେସବୁ ବିଷୟ ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢ଼ାଯିବାର ନିଷ୍ପତ୍ତି ମଧ୍ୟ ସେହି ବର୍ଷ ବିଧିବଦ୍ଧ ଭାବରେ ନିଆଗଲା।

୧୯୫୮ ଜାନୁଆରୀ ମାସ ୧ ତାରିଖରେ ଭାରତର ପ୍ରଥମ ରାଷ୍ଟ୍ରପତି ଡ.ରାଜେନ୍ଦ୍ର ପ୍ରସାଦ ଭୁବନେଶ୍ୱରରେ ୫ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ପ୍ରାୟ ୪୦୦ଏକର ଜାଗାରେ ନୂତନ ପରିସର 'ବାଣୀବିହାର'ର ଭିତ୍ତି ପ୍ରସ୍ତର ସ୍ଥାପନ କଲେ। ସେହିବର୍ଷ ବିଶ୍ୱବିଦ୍ୟାଳୟ ଅଧୀନରେ ସ୍ନାତକୋତ୍ତର ମନସ୍ତତ୍ତ୍ୱ ବିଜ୍ଞାନ, ପରିସଂଖ୍ୟାନ, ରାଜନୀତି ବିଜ୍ଞାନ ଓ ମାନବ ବିଜ୍ଞାନ ବିଭାଗ ମଧ୍ୟ ପ୍ରତିଷ୍ଠା ହୋଇଥିଲା। ଏ ମଧ୍ୟରୁ ପ୍ରଥମ ୩ଟି ରେଭେନ୍ସା ପରିସରରେ ଏବଂ ମାନବ ବିଜ୍ଞାନ ବିଭାଗ ଭୁବନେଶ୍ୱରର ଏକ ଭଡ଼ା ଘରେ ପ୍ରଥମ ଥର କାର୍ଯ୍ୟକ୍ଷମ ହେଲା। ୧୯୫୯ ମସିହାରେ ରେଭେନ୍ସାର ସ୍ନାତକୋତ୍ତର ଇତିହାସ ବିଭାଗ ଉତ୍କଳକୁ ହସ୍ତାନ୍ତର ହୋଇଥିଲା।

୧୯୬୦ ଓ ୧୯୬୨ ମସିହାରେ ଏହା ଅଧୀନରେ ଯଥାକ୍ରମେ ପ୍ରାଣୀ ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୋଇଥିଲାବେଳେ ୧୯୬୩ ମସିହାରେ ପୂର୍ବ ପ୍ରତିଷ୍ଠିତ ଗ୍ରାମ୍ୟ ଅର୍ଥନୀତି ଓ ସମାଜ ବିଜ୍ଞାନ ବିଭାଗକୁ ପ୍ରୟୋଗାତ୍ମକ ଅର୍ଥନୀତି ନାମରେ ନାମିତକରାଯାଇ ସ୍ନାତକୋତ୍ତର ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି ପାଠ୍ୟକ୍ରମ ପ୍ରଚଳିତ କରାଗଲା।

ଷାଠିଏ ଦଶକର ପ୍ରଥମଭାଗରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ମୁଣ୍ଡ ଟେକିଲାରୁ ୧୯୬୨ରେ ପ୍ରାଣକୃଷ୍ଣ ପରିଜା କମିଟି ପ୍ରତିଷ୍ଠା ହେଲା ଏବଂ ୧୯୬୫ ମସିହାରେ ଦୁଇଟି ନୂଆ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଓ ବ୍ରହ୍ମପୁର ପ୍ରତିଷ୍ଠା ହେବା ପାଇଁ ନିଷ୍ପତ୍ତି ରାଜ୍ୟ ସରକାର ଗ୍ରହଣ କଲେ ଏବଂ ଆଇନରେ ପରିବର୍ତ୍ତନ ଜରିଆରେ ଏହି ଦୁଇଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା।

୧୯୬୪ ମସିହାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ପ୍ରଣୟନ ହେବା ପରେ ୩ଟି ବିଶ୍ୱବିଦ୍ୟାଳୟ ୧୯୬୭ ମସିହାରୁ ଏହା ଅନୁସାରେ କାର୍ଯ୍ୟକ୍ଷମ ହେଲେ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପରିଧି ସାରା ଓଡ଼ିଶା ବଦଳରେ ଅବିଭକ୍ତ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝରର ଜିଲାରେ ଥିବା ମହାବିଦ୍ୟାଳୟଗୁଡ଼ିକୁ ନେଇ ସମୃଦ୍ଧ ହେଲା।

ଏହାପୂର୍ବରୁ ୧୯୬୩ ମସିହା ଜାନୁଆରୀ ୨ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ସର୍ବପଲ୍ଲୀ ଡ.ରାଧାକ୍ରିଷ୍ଣନ୍ ବାଣୀବିହାରଠାରେ ନୂତନ ପରିସରର ଉଦ୍‌ଘାଟନ କରିଥିଲେ ଏବଂ ଏଠାରେ ଭୂତତ୍ତ୍ୱ ବିଜ୍ଞାନକୁ ଛାଡ଼ିଦେଲେ ପ୍ରାୟ ସମସ୍ତ ବିଭାଗ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ପରିସରରେ ୧୯୬୬ରୁ୧୯୬୯ ମସିହା ମଧ୍ୟରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଓଡ଼ିଆ ଓ ଇଂରାଜୀ ବିଭାଗ ଖୋଲାଯାଇ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେଲା। ୧୯୭୦ ମସିହାରେ ଭୂଗୋଳ ଏବଂ ସମାଜ ବିଜ୍ଞାନ ଏବଂ ଶ୍ରମ ମଙ୍ଗଳ ବିଭାଗ ଖୋଲିଲା। ୧୯୭୩ ମସିହାରେ ଏଠାରେ ସ୍ନାତକୋତ୍ତର ଆଇନ ବିଭାଗ ଖୋଲାଗଲା ଏବଂ ୧୯୭୪ ମସିହାରେ ସମାଜ ବିଜ୍ଞାନ ଓ ଶ୍ରମ ମଙ୍ଗଳ ବିଭାଗକୁ ଦୁଇଟି ବିଭାଗରେ ପରିଣତ କରାଗଲା। ରେଭେନ୍ସାରୁ ବାଣୀବିହାରକୁ ୧୯୭୭ ମସିହାରେ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ସ୍ଥାନାନ୍ତରିତ ହେଲା। ୧୯୮୧ ଓ ୧୯୮୪ ମସିହାରେ ଏଠାରେ ଗ୍ରନ୍ଥାଗାର ବିଜ୍ଞାନ ଏବଂ ବ୍ୟବସାୟ ପରିଚାଳନା ପାଠ୍ୟକ୍ରମ ପ୍ରଚଳିତ ହୋଇଥିଲା।

ଓଡ଼ିଶାରେ ପ୍ରଥମ କରି ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ୧୯୭୦ ମସିହାରେ ଏକ କମ୍ପ୍ୟୁଟର କେନ୍ଦ୍ର ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ(ୟୁଜିସି) ସହାୟତାରେ ଖୋଲିଲା, ଯାହା ଅଦ୍ୟାବଧି ସ୍ୱତନ୍ତ୍ର ଭାବେ କାର୍ଯ୍ୟରତ। ୧୯୭୩ରୁ ୧୯୯୯ ମସିହା ପର୍ଯ୍ୟନ୍ତ ଏହା ଅଧୀନ ଛାତ୍ରଛାତ୍ରୀଙ୍କୁ ଡିସିଏ ଡିଗ୍ରୀ ପ୍ରଦାନ କରାଯାଉଥିଲା।

୧୯୯୮ରେ ସ୍ୱତନ୍ତ୍ର କମ୍ପ୍ୟୁଟର ବିଜ୍ଞାନ ପ୍ରତିଷ୍ଠା ପରେ ତାହା ଏମ୍‌ସିଏ ଡିଗ୍ରୀ ପ୍ରଦାନ କରିଆସୁଛି। ଏହି ସବୁ ସ୍ନାତକୋତ୍ତର ଶିକ୍ଷା ସହିତ ଏଠାରେ ୧୯୯୯ ମସିହାରୁ ସ୍ୱାବଲମ୍ବୀ ପାଠ୍ୟକ୍ରମ ଯଥା ପାଞ୍ଚ ବର୍ଷିଆ ବ୍ୟବସାୟ ପରିଚାଳନା(ଆଇଏମ୍‌ବିଏ), କମ୍ପ୍ୟୁଟର ବିଜ୍ଞାନ(ଆଇଏମ୍‌ସିଏ), ଆଇନ(ଇଣ୍ଟିଗ୍ରେଟେଡ୍ ଲ'), ଫାର୍ମାସିଟିକାଲ୍ ସାଇନ୍ସ ଆଦି ପାଠ୍ୟକ୍ରମମାନ ଖୋଲାଯାଇ ସ୍ନାତକୋତ୍ତର ଓ ସ୍ନାତକ ପାଠ୍ୟକ୍ରମ ପ୍ରଚଳିତ ହୋଇଛି। ୧୯୯୬ ମସିହାରେ ଏଠାରେ ଇତିହାସ ଓ ରାଜନୀତି ବିଜ୍ଞାନ ବିଭାଗରୁ ପ୍ରାଚୀନ ଇତିହାସ ଓ ଲୋକ ପ୍ରଶାସନ ପାଠ୍ୟକ୍ରମକୁ ଅଲଗା କରାଯାଇ ସ୍ୱତନ୍ତ୍ର ବିଭାଗ ପ୍ରତିଷ୍ଠା କରାଗଲା।

୨୦୦୦ ମସିହାରେ ଏଠାରେ କେନ୍ଦ୍ର ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ ସହାୟତାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲାଯାଇଛି।

ଚଳିତ ଦଶନ୍ଧି ପ୍ରଥମାର୍ଦ୍ଧରେ ଏଠାରେ ୟୁଜିସି ସହାୟତାରେ ସାମ୍ବାଦିକତା, ପର୍ଯ୍ୟଟନ ଓ ଯୋଗ ଆଦି ସ୍ୱତନ୍ତ୍ର ପାଠ୍ୟକ୍ରମ ଖୋଲାଯାଇଥିବାବେଳେ ଘରୋଇ ଭାଗିଦାରି ସହାୟତା(ପିପିପିମୋଡ୍)ରେ କୃଷି ବ୍ୟବସାୟ ପରିଚାଳନା ଏବଂ ଆଇଟିରେ ଏମ୍‌ଟେକ୍ ଆଦି ପାଠ୍ୟକ୍ରମ ପ୍ରଚଳିତ ହୋଇଛି।

ସାମଗ୍ରିକ ଭାବରେ ୨୭ଟି ସ୍ନାତକୋତ୍ତର ବିଭାଗ, ୧୭ଟି ସ୍ୱାବଲମ୍ବୀ ପାଠ୍ୟକ୍ରମ, ୩ଟି ନିଜସ୍ୱ ମହାବିଦ୍ୟାଳୟ, ୩୫୧ଟି ଅନୁବନ୍ଧିତ ମହାବିଦ୍ୟାଳୟ, ୧୫ଟି ସ୍ୱୟଂଶାସିତ ମହାବିଦ୍ୟାୟ ଇତ୍ୟାଦିରେ ସ୍ନାତକ, ସ୍ନାତକୋତ୍ତର, ଅଧିସ୍ନାତକ ଓ ବିଭୁଷଣ ପାଠ୍ୟକ୍ରମ ମାଧ୍ୟମରେ ଓଡ଼ିଶା ତଥା ଭାରତ ବର୍ଷର ଶିକ୍ଷା କ୍ଷେତ୍ରରେ ଏହି ମହାନ ଅନୁଷ୍ଠାନ ନିଜସ୍ୱ ପରଚୟ ସୃଷ୍ଟି କରିଛି।

ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକମାନର ଶିକ୍ଷାଦାନ ପ୍ରଣାଳୀ ଓ ଗବେଷଣାକୁ ଆଧାର କରି ଉତ୍କଳ ବିଶ୍ୱବିଦ୍ୟାଳୟକୁ ସର୍ବଭାରତୀୟସ୍ତରରେ ମିଳିଛି ନାକ ଏ+ ମାନ୍ୟତା। ସର୍ବୋପରି ନିଜର ସୃଷ୍ଟି, ପ୍ରତିଷ୍ଠିତ ପ୍ରାକ୍ତନ ଛାତ୍ରମଣ୍ଡଳୀ, ସ୍ୱତନ୍ତ୍ର ଦୃଢ଼ ନେତୃତ୍ୱ ଯୋଗୁଁ ପ୍ରତିଷ୍ଠିତ ପରମ୍ପରା ଓ ପରିଚାଳନା ବ୍ୟବସ୍ଥା, ଅଙ୍ଗୀକାରବଦ୍ଧ ପରିବାରର ସଦସ୍ୟ ଯଥା କର୍ମଚାରୀ, ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ନେଇ ଆଗକୁ ବଢ଼ିଚାଲିଛି ଏହି ଅନୁଷ୍ଠାନ ସମାଜରେ ଏକ ସ୍ୱତନ୍ତ୍ର ସମ୍ମାନସ୍ପଦ ବିଶ୍ୱବିଦ୍ୟାଳୟ ହିସାବରେ। ସମସ୍ତଙ୍କ ସହଯୋଗ ଓ ସହାୟତା ପାଇଲେ ଏହା ଆଗକୁ ବଢ଼ିବ ଏବଂ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ ହେବ।

*ସିଡିସି ନିର୍ଦ୍ଦେଶକ*
*ଉତ୍କଳ ବିଶ୍ୱବିଦ୍ୟାଳୟ*



ଉତ୍କଳ ବିଶ୍ୱବିଦ୍ୟାଳୟର ୭୪ତମ ପ୍ରତିଷ୍ଠା ଉତ୍ସବ




ଜୁଲାଇ, ୨୦୧୭

## ସୃଜନଶୀଳ ଓ ତଥ୍ୟଭିତ୍ତିକ ଖବର ପରିବେଷଣ ହେଉ

ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଫଳରେ ସୂଚନା ବିତରଣ ପ୍ରକ୍ରିୟା ଯେତିକି ସହଜ ଓ ସୁଲଭ ହୋଇଯାଉଛି, ସୂଚନା ପାଇବା ପାଇଁ ମଣିଷ ସେତିକି ବ୍ୟଗ୍ର ହେଉଛି । ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଗଣମାଧ୍ୟମ ଗୁଡିକରୁ ଗୋଟିଏ ଦିନ ବି ଦୂରେଇ ରହିବା ଆଜି ଆମ ପକ୍ଷେ ଅସମ୍ଭବ ହୋଇପଡିଛି । ଲୋକମାନଙ୍କୁ ସୂଚନା ଯୋଗାଇବା ପାଇଁ ମଧ ଗଣମାଧ୍ୟମ ଗୁଡିକ ବ୍ୟଗ୍ର ଓ ତ୍ୱରିତ ହୋଇ ଉଠିଛନ୍ତି । ବର୍ତ୍ତମାନ ଯୁଗରେ ସୂଚନା ପ୍ରଦାନ ଓ ପ୍ରାପ୍ତିର ପ୍ରତିଯୋଗିତା ଚାଲିଛି କହିଲେ କିଛି ଭୁଲ୍ ହେବନି । ଏହି ସୂଚନା ପ୍ରାପ୍ତିର ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ସରକାର ସୂଚନା ଅଧିକାରକୁ ଏକ ଆଇନ୍‌ରେ ପରିଣତ ମଧ କରିଛନ୍ତି । ଲୋକମାନଙ୍କୁ ସୂଚନା ପ୍ରଦାନ କରିବାରେ ଗଣମାଧମର ଯେ ଗୁରୁ ଦାୟିତ୍ୱ ରହିଛି ଏ କଥାକୁ କେହି ଅସ୍ୱୀକାର କରିବେନି । ଜନସାଧାରଣଙ୍କୁ ଶିକ୍ଷିତ କରାଇବା ଅର୍ଥାତ୍ ଗଣମାଧ୍ୟମ ସାହାଯ୍ୟରେ ଲୋକମାନଙ୍କୁ ସେମାନଙ୍କର ବିକାଶ ଓ ଉନ୍ନତି ସମ୍ବନ୍ଧରେ ନୂତନ ବିଷୟମାନଙ୍କରେ ନୂଆ ତଥ୍ୟ ପ୍ରଦାନ କରିବା ଆବଶ୍ୟକ । ସେମାନଙ୍କୁ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବିକାଶୋନ୍ମୁଖୀ ସୂଚନା ପ୍ରଦାନ ସହିତ ଜନସାଧାରଣଙ୍କ ମଧରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର ପାଇଁ ସଚେତନତା ସୃଷ୍ଟି କରିବା ହେଲା ଗଣମାଧ୍ୟମଗୁଡିକର ଗୁରୁ ଦାୟିତ୍ୱ । ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ଗୁଡିକର ଏ ଦିଗରେ ଏକ ବିଶେଷ ଭୂମିକା ରହିଛି, କିନ୍ତୁ ଧୀରେ ଧୀରେ ଦେଖାଯାଉଛି ଗଣମାଧମମାନେ ସେମାନଙ୍କର ସାମାଜିକ ଦାୟିତ୍ୱବୋଧକୁ ପାଶୋରି ଯାଉଛନ୍ତି । ଆଜିକାଲି ସମ୍ବାଦପତ୍ର ମାନଙ୍କରେ ଅଧିକାଂଶ ସ୍ଥାନ ବିଜ୍ଞାପନ ପାଇଁ ସଂରକ୍ଷିତ ରହୁଛି । ଫଳତଃ ଜନସାଧାରଣଙ୍କୁ ସୂଚନା ଓ ଶିକ୍ଷା ପ୍ରଦାନ କରିବା ଭଳି ମୁଖ୍ୟ ଆଭିମୁଖ୍ୟ ଠାରୁ ସେମାନେ ଦୂରେଇ ଯିବା ପରି ବୋଧ ହେଉଛନ୍ତି । ହିଂସା ଓ ଅପରାଧଭିତ୍ତିକ ସମ୍ବାଦକୁ ଆବଶ୍ୟକତା ଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି । ମନୋରଞ୍ଜନ ଆଳରେ ଅନେକ ଅରୁଚିକର ତଥ୍ୟ ଓ ଚିତ୍ରକୁ ସ୍ଥାନ ଦିଆଯାଉଛି ।

ସମ୍ବାଦପତ୍ର ମାନଙ୍କରେ ପ୍ରବନ୍ଧଗୁଡିକ ଓ ପତ୍ରିକାମାନଙ୍କର ଗଳ୍ପ ଓ ଧାରାବାହିକ ଉପନ୍ୟାସ ଗୁଡିକ ପାଠ କଲେ ସେଠି କୌଣସି ନା କୌଣସି ଠାରେ ସୃଜନଶୀଳ ଲେଖା ନିଶ୍ଚିତ ରହୁଛି । କେତେକ ପତ୍ରପତ୍ରିକା କେବଳ ସୃଜନଶୀଳ ଓ ତଥ୍ୟଭିତ୍ତିକ ଲେଖାମାନ ପ୍ରକାଶ କରିବାକୁ ଯେପରି ସଂକଳ୍ପ ନେଇଛନ୍ତି ବୋଲି ମନେ ହେଉଛି । ଗଣମାଧମଗୁଡିକ ବହୁ ଜନହିତାୟ ହେବା ଦରକାର । କୌଣସି ବ୍ୟକ୍ତିଙ୍କର ଗୁଣଗାନ କରିବା ପରିବର୍ତ୍ତେ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ବ୍ରତୀ ହେବା ଆବଶ୍ୟକ । ପତ୍ରିକାଗୁଡ଼ିକ ମଧ ସେମାନଙ୍କର କିଛି ସ୍ୱତନ୍ତ୍ର ଶ୍ରେଣୀର ପାଠକପାଠିକାଙ୍କ ଉଦ୍ଦେଶ୍ୟରେ ଲେଖାମାନ ପ୍ରକାଶ କରୁଛନ୍ତି ଯେଉଁ ଲେଖାମାନଙ୍କର କିଛି ସଂସ୍କାରଧର୍ମୀ ସନ୍ଦେଶ ଓ ବାସ୍ତବଧର୍ମୀ ବିଷୟବସ୍ତୁ ଉପରେ ଆଧାରିତ । ଫଳରେ ସେଗୁଡିକ ତାହା ପାଠକୀୟ ଆଦୃତି ଲାଭ କରୁଛି । ଗଣମାଧମ ସବୁବେଳେ ସମାଜକୁ ମାର୍ଗଦର୍ଶନ କରାଇଥାଏ । ସମାଜରେ କୁସଂସ୍କାରକୁ ଦୂର କରି ସମାଜକୁ ଗଠନମୂଳକ ଉନ୍ନତିର ପଥ ଦେଖାଇଥାଏ ।

ସାମ୍ବାଦିକତା ଏବେ ପୃଥିବୀରେ ଏକ ନୂତନ ବିଜ୍ଞାନ । ନିଜର ଦୃଷ୍ଟିଭଙ୍ଗୀ ଏବଂ ଦୂରଦୃଷ୍ଟିକୁ ଯେଉଁମାନେ ଯଥାର୍ଥ ଭାବେ ପ୍ରୟୋଗ କରିପାରନ୍ତି ସେମାନେ ସଫଳ ସାମ୍ବାଦିକ ଭାବେ ନିଜକୁ ପ୍ରତିଷ୍ଠା କରାଇପାରନ୍ତି । ସାମ୍ବାଦିକଙ୍କର ଦେଶପ୍ରତି ଓ ଜାତିପ୍ରତି ଅଶେଷ ଗୁରୁ ଦାୟିତ୍ୱ ରହିଛି । ତାହା ପାଳନ କରିବା ସମୟରେ ମନେ ରଖିବାକୁ ହେବ ଯେ ଯାହା ଲେଖୁଛନ୍ତି ତାହା ଏକ ବିରାଟ ପାଠକଗୋଷ୍ଠୀର ବିଚାର ଓ ଆଲୋଚନା ପରିସର ଭିତରକୁ ଆସିବ । ତେଣୁ ସାମ୍ବାଦିକଙ୍କ କାର୍ଯ୍ୟ ଓ କର୍ତ୍ତବ୍ୟ ତୀକ୍ଷ୍ଣ ଧାର ବିଶିଷ୍ଟ ଖଣ୍ଡା ଉପରେ ଚାଲିବା ଭଳି । ତାକୁ ଯେଉଁମାନେ ସଫଳ ଭାବେ ପାଳନ କରିଥାନ୍ତି ସେହିମାନେ ହିଁ ଜନମାନସରେ ଶ୍ରଦ୍ଧାର ପାତ୍ର ହୋଇଥାନ୍ତି । ଆମର ଚାଲିଚଳଣି ଓ ପରମ୍ପରାକୁ ବିଦେଶୀ ଭାଷାରେ ଅନୁବାଦ କରାଯାଇ ତାହା କିଭଳି ଗଣମାଧମରେ ପ୍ରସାରିତ ହେବ ଏବଂ ବିଶ୍ୱର କୋଣେ ଅନୁକୋଣେ ପହଞ୍ଚିବ ସେଥିପାଇଁ ଅହରହ ଉଦ୍ୟମ ଜାରି ରଖିବାକୁ ପଡ଼ିବ ।

ଇଣ୍ଟରନେଟ୍ ଓ ମୋବାଇଲ୍ ଆଜିର ସମୟରେ ଗଣମାଧମ ରୂପେ ବିବେଚିତ ହେଲାଣି । ଇଣ୍ଟରନଟ୍ ଖୋଲୁ ଖୋଲୁ ଆପେ ଆପେ କିଛି ବିଜ୍ଞାପନ ମଧ ଧସେଇ ପଶି ଆସନ୍ତି । ଏ ସବୁ ଆମ ସମାଜରେ ସୁସ୍ଥ ବାତାବରଣକୁ ପ୍ରଦୂଷିତ କରୁଛି । ଚଳଚ୍ଚିତ୍ର ଓ ଟେଲିଭିଜନ୍‌ରେ ପ୍ରସାରିତ ଧାରାବାହିକ ମଧ ଏକ ବଳିଷ୍ଠ ଗଣମାଧମ ଭାବେ ବିବେଚିତ ହେଉଛି । ସୂଚନା ଓ ମନୋରଞ୍ଜନ ପାଇଁ ଏହାକୁ ସଫଳତାର ସହ ବ୍ୟବହାର କରାଯାଇପାରେ । ଗଣମାଧମ ଆତ୍ମସଂଯମୀ ହୋଇ ସମାଜକୁ ଗଠନମୂଳକ ଦିଗ୍‌ଦର୍ଶନ ଦେବା ଲାଗି ପ୍ରଯତ୍ନ କରିବା ଆବଶ୍ୟକ । ଜନତା କେବଳ ଖବରର ଉପଭୋକ୍ତା ନୁହଁନ୍ତି, ସେମାନଙ୍କର ବି ଏକ ମନ ଅଛି ଓ ବିବେକ ଅଛି, ଏହାକୁ ଅନ୍ତତଃ ଗଣମାଧମ ହୃଦୟଙ୍ଗମ କରିବା ଆବଶ୍ୟକ ।

ସୁଖର କଥା, ଆଜି ଭାରତ ତଥା ଓଡ଼ିଶାରେ ବହୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସାମ୍ବାଦିକତା ପାଠ୍ୟକ୍ରମ ଉପରେ ଶିକ୍ଷାଦାନ କରାଯାଉଛି । ଜନସାଧାରଣଙ୍କୁ ତତ୍କାଳ ସୂଚନା ପ୍ରଦାନ ଓ ଖବର ପ୍ରସାରଣରେ ଦକ୍ଷତା ହାସଲ ପାଇଁ ସାମ୍ବାଦିକତାର ଶୈଳୀ ଓ ଜ୍ଞାନ କୌଶଳ ପ୍ରୟୋଗ ଉପରେ ତାଲିମ ଦିଆଯାଉଛି । ଲୋକଙ୍କ ସମସ୍ୟା, ମାନବ ସମ୍ବଳର ସଦୁପଯୋଗ, ସତ୍ୟନିଷ୍ଠ ସମ୍ବାଦ ଓ ତଥ୍ୟଭିତ୍ତିକ ଖବର ସାଙ୍ଗକୁ ସାଧାରଣରେ ସଚେତନତା ସୃଷ୍ଟି ହେଲା ଭଳି ନୂତନ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟା ସହାୟତାରେ ସୂଚନା ପ୍ରଦାନ କରାଗଲେ ତାହା ରାଜ୍ୟ ତଥା ଦେଶ ବିକାଶରେ ସହାୟକ ହୋଇପାରିବ ।





# ବିକାଶ ପଥେ ବାଣୀବିହାର



## (୧୯୪୩-୨୦୧୭)

ଉତ୍କଳ ବିଶ୍ୱବିଦ୍ୟାଳୟ ରାଜ୍ୟର ପ୍ରାଚୀନତମ ବିଶ୍ୱବିଦ୍ୟାଳୟ । ଏହା ଓଡ଼ିଶାର ଗର୍ବ ଓ ଗୌରବ । ୨୦୧୭ ଫେବୃଆରୀ ୩ରେ ଏହା ୪୮ତମ ସମାବର୍ତ୍ତନ ଉତ୍ସବ ପାଳନ କରୁଛି । ୧୯୩୬ ମସିହାରେ ଯେତେବେଳେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲା, ସେତେବେଳେ ଆମ ରାଜ୍ୟରେ ବିଶ୍ୱବିଦ୍ୟାଳୟ ନ ଥିଲା । ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କର ଆଶା ଏବଂ ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ୧୯୩୮ ମସିହା ମାର୍ଚ୍ଚ ୨ ତାରିଖରେ ଓଡ଼ିଶାର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଓଡ଼ିଶାରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରଥମେ ଉଦ୍ୟମ ଆରମ୍ଭ କରିଥିଲେ ।

ପଣ୍ଡିତ ନୀଳକଣ୍ଠ ଦାଶ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ପଣ୍ଡିତ ଗୋଦାବରିଶ ମିଶ୍ରଙ୍କ ସମେତ ବହୁ ଆଧୁନିକ ଓଡ଼ିଶାର ନିର୍ମାତା ରାଜ୍ୟରେ ଉଚ୍ଚଶିକ୍ଷା ପ୍ରଚଳନ ଓ ପ୍ରସାର ପାଇଁ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ କଲକତା, ପାଟ୍‌ନା, ଆଲ୍ଲାହାବାଦ, ମାଡ୍ରାସ ଆଦି ସହରରେ ଥିବା ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ । ଏହାପରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଥିଲା । ଏହି କମିଟିର ସୁପାରିସକୁ ତତ୍କାଳୀନ ଓଡ଼ିଶାର ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଉଦ୍ୟମରେ ୩୦ ଜୁନ୍ ୧୯୪୩ରେ ଚୂଡ଼ାନ୍ତ ରୂପଦେଇ ବିଧାନସଭାରେ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା ।

୧୯୪୩ ମସିହା ଅଗଷ୍ଟ ୨ ତାରିଖରେ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରାଯାଇ ଏହାର ନାମ ରଖାଯାଇଥିଲା 'ଉତ୍କଳ ବିଶ୍ୱବିଦ୍ୟାଳୟ' । କଟକ ରେଭେନ୍ସା ମହାବିଦ୍ୟାଳୟ(ବର୍ତ୍ତମାନ ବିଶ୍ୱବିଦ୍ୟାଳୟ)ର ପ୍ରାଣୀବିଜ୍ଞାନ ବିଭାଗରେ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ 'ଉତ୍କଳ ବିଶ୍‌ବବିଦ୍ୟାଳୟ' କାର୍ଯ୍ୟାରମ୍ଭ କରିଥିଲା । ଦେଶ ସ୍ୱାଧୀନତା ପୂର୍ବରୁ ଏହା ଶେଷ ବିଶ୍ୱବିଦ୍ୟାଳୟ ଭାବେ ପ୍ରତିଷ୍ଠା କରାଯାଇଥିଲା ।

ଆଜିର ୪୦୦ ଏକର ବିଶିଷ୍ଟ 'ଉତ୍କଳ ବିଶ୍ୱବିଦ୍ୟାଳୟ'ର ଭିତ୍ତିପ୍ରସ୍ତର ସ୍ଥାପନ ୧ ଜାନୁଆରୀ ୧୯୫୮ରେ ଭାରତର ପ୍ରଥମ ରାଷ୍ଟ୍ରପତି ଡ.ରାଜେନ୍ଦ୍ର ପ୍ରସାଦ କରିଥିଲେ । ସେହିପରି ୨ଜାନୁଆରୀ ୧୯୬୩ରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଦ୍ୱିତୀୟ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକୃଷ୍ଣନ 'ବାଣୀବିହାର' କ୍ୟାମ୍ପସ୍ ଉଦ୍‌ଘାଟନ କରିଥିଲେ ।

'ଉତ୍କଳ ବିଶ୍ୱବିଦ୍ୟାଳୟ' ଅଧୀନରେ ପ୍ରଥମେ ରେଭେନ୍ସା ମହାବିଦ୍ୟଶଳୟ ସହିତ ୫ଟି ମହାବିଦ୍ୟାଳୟ ଏବଂ କଳା, ବିଜ୍ଞାନ, ଆଇନ ଏବଂ ଶିକ୍ଷା ଆଦି ୪ଟି ବିଭାଗକୁ ନେଇ ଆରମ୍ଭ ହୋଇଥିଲା । ଏହାପରେ ସଂସ୍କୃତ, ଦର୍ଶନ, ପଦାର୍ଥ ବିଜ୍ଞାନ, ଇତିହାସ, ନୃତତ୍ତ୍ୱ ଇତ୍ୟାଦି ବିଷୟରେ ସ୍ନାତକୋତ୍ତର ବିଭାଗ ଖୋଲିଥିଲା । ପରବର୍ତ୍ତୀ ସମୟରେ ବାଣିଜ୍ୟ ବିଭାଗ, ଅର୍ଥନୀତି ଏବଂ ସମାଜ ବିଜ୍ଞାନ ବିଷୟରେ ସ୍ନାତକୋତ୍ତର ଶିକ୍ଷା ପ୍ରଦାନ କରାଯିବା ସହିତ ଶିକ୍ଷାର ପ୍ରସାର ଓ ବିସ୍ତାର ନିମନ୍ତେ ଗବେଷଣାତ୍ମକ ବିଭାଗ କାର୍ଯ୍ୟକାରୀ ହୋଇଥିଲା ।

ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ ପରିସରରେ ଅନେକ ଗୁଡ଼ିଏ ସ୍ନାତକୋତ୍ତର ବିଭାଗ ଓ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଏବେ ୨୭ଟି ସ୍ନାତକୋତ୍ତର ବିଭାଗ, ୨ଟି କନ୍‌ଷ୍ଟିଚ୍ୟୁଏଣ୍ଟ ଆଇନ ମହାବିଦ୍ୟାଳୟ ଏବଂ ଗୋଟିଏ ଦୂର ନିରନ୍ତର ନିର୍ଦ୍ଦେଶାଳୟ(ଡିଡିସିଇ) ରହିଛି । ସେହିପରି ବିଶ୍ୱବିଦ୍ୟାଳୟ ପରିସରରେ ପପୁଲେସନ୍ ଷ୍ଟଡିଜ୍ ସେଣ୍ଟର, ସ୍କୁଲ ଅଫ୍ ଓ୍ୱମେନ୍ସ ଷ୍ଟଡ଼ିଜ୍ ସେଣ୍ଟର, ଆମ୍ବେଦକର ଷ୍ଟଡ଼ି ସେଣ୍ଟର ଏବଂ ସୋସିଆଲ୍ ଏକ୍ସକ୍ଲୁଜିଅନ୍ ଆଣ୍ଡ ଇନ୍‌କ୍ଲୁସିଭ୍ ପଲିସି ଷ୍ଟଡ଼ି ସେଣ୍ଟର, ଏକାଡେମିକ୍ ଷ୍ଟାଫ୍ କଲେଜ, ପ୍ରି ସ୍କୁଲ 'ତାର୍ସି' ଏବଂ ୟୁନିଭର୍ସିଟି ହାଇସ୍କୁଲ ଖୋଲାଯାଇଛି । ବର୍ତ୍ତମାନ ୧୫ଟି ସ୍ୱୟଂଶାସିତ କଲେଜ ସମେତ ୩୦୦ରୁ ଅଧିକ ଅନୁବନ୍ଧିତ ମହାବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଛି । ସମୟପଯୋଗୀ 'ସେଲ୍ଫ ଫାଇନାନ୍‌ସିଂ' ଏବଂ 'ଇନୋଭେଟିଭ୍' ପାଠ୍ୟକ୍ରମ ପ୍ରଚଳନ କରାଯାଇଛି ।

ନୂଆଦିଲ୍ଲୀ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ(ୟୁଜିସି)ର ଧାରା ୨ ଏବଂ ୧୨(ବି) ଅନୁଯାୟୀ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ୱୀକୃତି ଲାଭ କରିଛି । ପୂର୍ବରୁ ଏହା ଉଚ୍ଚଶିକ୍ଷା ପ୍ରଦାନ ପାଇଁ ସମସ୍ତ ସାଧାରଣ ଓ ବୃତ୍ତିଗତ(ମେଡ଼ିକାଲ୍, ଇଞ୍ଜିନିୟରିଂ ଇତ୍ୟାଦି) ପାଠ୍ୟକ୍ରମ ପ୍ରଦାନ କରୁଥିଲା । ପରବର୍ତ୍ତୀ ସମୟରେ ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର, ବାରିପଦା ଆଦିରେ ରାଜ୍ୟ ସରକାର ନୂଆ ବିଶ୍ୱବିଦ୍ୟାଳୟ ଖୋଲିଥିଲେ । ସେହିପରି ଭୁବନେଶ୍ୱରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହିଳା ମହାବିଦ୍ୟାଳୟ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଅଧୀନକୁ ଚାଲିଯାଇଥିଲା । ତେବେ ମେଡ଼ିକାଲ୍ କଲେଜ ଏବେ ମଧ ବିଶ୍ୱବିଦ୍ୟାଳୟର ଏକ ଅଂଶ ଭାବେ କାର୍ଯ୍ୟ କରୁଛି । ସେହିପରି ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଡକ୍ଟରାଲ୍ ଡିଗ୍ରୀ ପ୍ରଦାନ ପ୍ରକ୍ରିୟା ଜାରି ରହିଛି ।

ବର୍ତ୍ତମାନ ଏହା ୯ ଭୌଗଳିକ ଜିଲାରେ ଉଚ୍ଚଶିକ୍ଷା ପ୍ରଦାନ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରୁଛି । ତେବେ ସମସ୍ତ ରାଜ୍ୟ ପାଇଁ ଏବଂ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକ ସମେତ ସବୁ ଜିଲା ଏବଂ ପଡୋଶୀ ରାଜ୍ୟର ଛାତ୍ରଛାତ୍ରୀଙ୍କ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା କ୍ଷେତ୍ରରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ବାଣୀବିହାର କ୍ୟାମ୍ପସରେ ପ୍ରାୟ ୪୦୦୦ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଗ୍ରହଣ କରୁଥିବାବେଳେ ଉତ୍କଳ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟରେ ୨.୭ଲକ୍ଷ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ୟୁଜିସି ଦ୍ୱାରା ସ୍ୱୀକୃତି ଲାଭ କରିଛି ଏବଂ ଏହା ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ୟୁନିଭର୍ସିଟିଜ୍ ଆଣ୍ଡ କମନ୍‌ଓ୍ୱେଲ୍‌ଥ ଆସୋସିଏସନ୍ ଅଫ୍ ୟୁନିଭର୍ସିଟିଜ୍‌ର ସଦସ୍ୟ ରହିଛି ।

ଉଚ୍ଚଶିକ୍ଷାର ଉତ୍କୃଷ୍ଟ କେନ୍ଦ୍ର ହେବା ପାଇଁ ମୌଳିକ ଦୃଷ୍ଟି ସମ୍ପନ୍ନ ଶିକ୍ଷାଦାନ, ଶିକ୍ଷଣ ଓ ଗବେଷଣାର ସମ୍ପ୍ରସାରଣ, ସୃଜନଶୀଳ, ଗଠନମୂଳକ ତଥା ଉତ୍ପାଦନକ୍ଷମ ନାଗରିକ ସମାଜ ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରିବା ଦରକାର । ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ରୂପେ ଗଢ଼ିତୋଳିବା, ସୁନାଗରିକ ଭାବେ ଜୀବନ ନିର୍ବାହ କରିବାକୁ ଛାତ୍ରଛାତ୍ରୀଙ୍କ ଜ୍ଞାନ, ବିଜ୍ଞାନ, କୌଶଳ, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ଜରୁରୀ । ପାରିପାର୍ଶ୍ୱ ପ୍ରତିଦାୟିତ୍ୱବଦ୍ଧ, ସମ୍ବେଦନଶୀଳ ହେବାକୁ ସଚେତନା କରିବା, ଆନ୍ତଃଶିକ୍ଷଣ, ବହୁମୁଖୀ ଗବେଷଣା ମାଧମରେ ପ୍ରଗତିଶୀଳ ଜ୍ଞାନସମୃଦ୍ଧ ପୋଷଣୀୟ ସମାଜ ନିର୍ମାଣ କରିବାକୁ ଅନ୍ୱେଷଣ ଜାରି ରଖିବା ଉଚିତ । ସମସ୍ୟା ସମାଧାନ, ସମ୍ମାନବୋଧ, ନେତୃତ୍ୱ ପ୍ରଦାନ ତଥା ମିଳିତ କାର୍ଯ୍ୟ ପାଇଁ ଆଗ୍ରହ ସୃଷ୍ଟିକରି ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ରଗଠନ, ନୈତିକତା, ଗୁଣବର୍ତ୍ତା ପ୍ରତି ପ୍ରତିଶ୍ରୁତିବଦ୍ଧ କରାଇବା, ମୁକ୍ତଚିନ୍ତା, ସର୍ଜନା, ଆବିଷ୍କାର ଓ ବୃତ୍ତିଗତ ଉନ୍ନତି ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରିବା ଦରକାର । ଚେତନାର ଉତ୍ତରଣ ମାଧମରେ ଜଗତକୁ ଏକ ଉତ୍ତମ ସ୍ଥାନରେ ପରିଣତ ସହିତ ଛାତ୍ରଛାତ୍ରୀମାନଙ୍କୁ ନୂତନ ଚିନ୍ତାଧାରା, ଜ୍ଞାନ ଆହରଣ ନୂତନମାର୍ଗ ମାଧମରେ ଗତିଶୀଳ ଜ୍ଞାନଭିତ୍ତିକ ଅର୍ଥନୀତି ସମ୍ପର୍କରେ ସଚେତନ କରିବା ତଥା ସେମାନଙ୍କ ବୌଦ୍ଧିକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଆହରଣ ଉତ୍କଳ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ଓ ଆଭିମୁଖ୍ୟ ରହିଛି । ଏହାର ସଫଳ ରୂପାୟନ ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି ।

ଓଡ଼ିଶାର ପ୍ରଥମ, ସର୍ବ ବୃହତ୍ ଏବଂ ଜନନୀ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ଉତ୍କଳ ବିଶ୍ୱବିଦ୍ୟାଳୟର ଗବେଷଣାତ୍ମକ ପ୍ରବନ୍ଧମାନଙ୍କ ଆକଳନ ଅତ୍ୟନ୍ତ ଉତ୍ସାହଜନକ । ଏହି ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନର ଜଣେ ଏବଂ ପଦାର୍ଥ ବିଜ୍ଞାନ ବିଭାଗର ୩ଜଣ ପ୍ରାକ୍ତନ ଛାତ୍ର ସମ୍ମାନଜନକ ଭଟନାଗର ପୁରସ୍କାର ପ୍ରାପ୍ତ ବୈଜ୍ଞାନିକ । ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଜ୍ଞାନୀ ଛାତ୍ର ଏବେ ବି ଆଣବିକ ଗବେଷଣା କେନ୍ଦ୍ରରେ ସର୍ବାଦୃତ ।

ଏଠାକାର ୩୬ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ପଦ ଅଳଙ୍କୃତ କରିଛନ୍ତି । ସେହିପରି ଭାରତୀୟ ରାଷ୍ଟ୍ରଦୂତ, ରାଜ୍ୟ ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ବିଶିଷ୍ଟ ବୈଜ୍ଞାନିକ ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଛନ୍ତି । ରାଜନୀତି କ୍ଷେତ୍ରରେ ମଧ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ବେଶ୍ ସକ୍ରିୟ । କେନ୍ଦ୍ରମନ୍ତ୍ରୀଠାରୁ ଆରମ୍ଭ କରି ଲୋକସଭା ବାଚସ୍ପତି, ବିଧାନସଭା ବାଚସ୍ପତି, ରାଜ୍ୟ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଲୋକସଭା ସଦସ୍ୟ, ବିଧାନସଭାସଦସ୍ୟ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରମୁଖ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି । ସେହିପରି ଏଠାକାର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ପଦ୍ମ ସମ୍ମାନ ଓ ଭଟନାଗର ପୁରସ୍କାର ବିଜେତା । ସେହିପରି ଛାତ୍ରଛାତ୍ରୀମାନେ ନବରତ୍ନ କମ୍ପାନୀରେ ମୁଖ୍ୟ କାର୍ଯ୍ୟନିର୍ବାହୀ, ଡାକ୍ତର, ଇଞ୍ଜିନିୟର, ମେଜର ଜେନେରାଲ୍, କବି, ଲେଖକ, କଳାକାର, ଶିଳ୍ପୋଦ୍ୟୋଗୀ, ଶିକ୍ଷକ, ସମାଜସେବୀ ଭାବେ ବିଭିନ୍ନ କ୍ଷେତ୍ରରେ ଦେଶବିଦେଶରେ ସୁଖ୍ୟାତି ଲାଭ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ସଫଳ ଛାତ୍ରଛାତ୍ରୀଙ୍କ ତାଲିକା ଅସରନ୍ତି ।

ସରକାରୀ ଅବା ଘରୋଇ କାର୍ଯ୍ୟାଳୟ ଓ ବ୍ୟବସାୟିକ ପ୍ରତିଷ୍ଠାନ, ସବୁଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ନିଜର ପ୍ରତିଭା ପ୍ରଦର୍ଶନ ସହ ପ୍ରଭାବ ବିସ୍ତାର କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ସମସ୍ତ ଅଂଶୀଦାର ତଥା ସର୍ବୋପରୀ ଅଭିଭାବକମାନେ ଧନ୍ୟବାଦର ପାତ୍ର ।

ଶିକ୍ଷାର ସୁବ୍ୟବସ୍ଥା, ଅଧ୍ୟୟନର ଅନୁକୂଳ ପରିବେଶ, ଉଚ୍ଚତର ଗବେଷଣା ଲାଗି ଉପଯୁକ୍ତ କ୍ଷେତ୍ର ଅନୁଧ୍ୟାନ ପରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ନାକ୍ ଏ+ ମାନ୍ୟତା ମିଳିଛି । ଓଡ଼ିଶାରେ ନାକ୍ ଏ+ ମାନ୍ୟତା ପାଇବାରେ ଉତ୍କଳ ପ୍ରଥମ ବିଶ୍ୱବିଦ୍ୟାଳୟ ହୋଇଥିବାବେଳେ ଦେଶରେ ପ୍ରାଦେଶିକ ବିଶ୍ୱବିଦ୍ୟାଳୟମାନଙ୍କ ମଧରେ ତୃତୀୟ ସ୍ଥାନ ଅଧିକାର କରିଛି ।

ଉଚ୍ଚତର ଶିକ୍ଷା ପ୍ରଦାନ ସହିତ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ଆତ୍ମବଳ, ଆତ୍ମବିକାଶ ତଥା ଆତ୍ମଶୁଦ୍ଧି ନିମିତ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ବାଣୀଆରାଧନାର ପୀଠ ଉତ୍କଳ ବିଶ୍ୱବିଦ୍ୟାଳୟ କେବଳ ଓଡ଼ିଶାରେ ନୁହେଁ, ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ବିଦିତ । ଏହି ପୀଠର ସୁରଭିରେ ସମଗ୍ର ବିଶ୍ୱର ବାତାବରଣ ଆଜି ସୁରଭିଯୁକ୍ତ । ଗୁଣାତ୍ମକ ଶିକ୍ଷାଦାନ ଓ ଗବେଷଣା, ନିଯୁକ୍ତି ସୁଯୋଗ ପାଇଁ ଦକ୍ଷତା ବୃଦ୍ଧି, ପ୍ରତିଭା ବିକାଶ, ବିଶ୍ୱରେ ଶ୍ରେଷ୍ଠ ୧୦୦ ଏବଂ ଦେଶର ଶ୍ରେଷ୍ଠ ୨୫ ବିଶ୍ୱବିଦ୍ୟାଳୟରେ ସ୍ଥାନିତ କରିବା, ଆନ୍ତଃବିଷୟକ ଗବେଷଣା, ଶିକ୍ଷାବିନିମୟ, ସାଂସ୍କୃତିକ ବିନିମୟ, ଦ୍ୱିତୀୟ କ୍ୟାମ୍ପସ ଚଣ୍ଡିଖୋଲର ଭିତ୍ତିଭୂମି ବିକାଶ ଆଦି ପାଇଁ ପଦକ୍ଷେପ ନିଆଯାଉଛି ।

ସ୍ୱଳ୍ପରୁ ସ୍ୱଳ୍ପ ଖର୍ଚ୍ଚରେ ଅତ୍ୟୁଚ୍ଚ ମାନର ଶିକ୍ଷା ଏବଂ ଜ୍ଞାନ କୌଶଳ ପ୍ରଦାନ, ସମୟୋପଯୋଗୀ ଗବେଷଣା ତଥା ଉଦ୍ଭାବନ ଏବଂ ଦେଶବିଦେଶରେ ଆଦୃତ ଲାଭ କଲାଭଳି ନୂଆ ତଥା ସୃଜନଶୀଳ ଚିନ୍ତାଧାରାରେ ଗବେଷଣା ଏବଂ ଗୁଣାତ୍ମକ ଶିକ୍ଷାଦାନ ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟର ମୂଳଲକ୍ଷ୍ୟ । ରାଜ୍ୟର ମେଧାବୀ, ଆର୍ଥିକ ଅନଗ୍ରସର, ଅନୁସୂଚିତ ଜାତି ଓ ଜନଜାତି ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଛାତ୍ରଛାତ୍ରୀଙ୍କ ତୀର୍ଥସ୍ଥାନ 'ବାଣୀବିହାର'ର ବିକାଶ ପାଇଁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ସହାୟତା 'ଉତ୍କଳ ବିଶ୍ୱବିଦ୍ୟାଳୟ'ର ଜୀବନରେଖା ସଦୃଶ ।

ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ପାଇଁ ବିଭିନ୍ନ ସ୍ତରରୁ ଦାବି ହୋଇ ଆସୁଛି । ଏହି ପୁରାତନ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ମିଳିବା ଦରକାର । କିନ୍ତୁ ଏହା ଦେଶ ବିଦେଶରେ ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ କିଭଳି ପ୍ରତିଷ୍ଠା ଲାଭ କରିବ ସେଥିପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ତଥା ଅଂଶୀଦାରଙ୍କ ମିଳିତ ସହଯୋଗର ଆବଶ୍ୟକତା ରହିଛି ।

**ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭାଷାରେ...**

*'ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେଦିନେ*
*ପୁରୁବ ଗୌରବ ପୁରୁବ ସାହସ ପଡ଼ିବ କି କେବେ ମନେ'*

-ପ୍ରଫେସର ଅଶୋକ କୁମାର ଦାସ
କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଉତ୍କଳ ବିଶ୍ୱବିଦ୍ୟାଳୟ

## ଜାତୀୟ ମାନଚିତ୍ରରେ 'ନାକ୍ ଏ+' ମାନ୍ୟତା

### ଓଡ଼ିଶାରେ ପ୍ରଥମ

### ଭାରତରେ ତୃତୀୟ





ବର୍ଷକ ପରେ ହୀରକ ଜୟନ୍ତୀ ଉତ୍ସବ। ଥକି ପଡ଼ିନି ସେ ଆଗକୁ ବଢ଼ିବାକୁ। ଥକି ଯାଇନି ନୂତନତ୍ୱ ସୃଷ୍ଟି କରିବା ସହ ନିଜ ପାଇଁ ତଥା ରାଜ୍ୟପାଇଁ ଗୌରବ ଆଣିବାରେ। ଅସୁମାରୀ ପ୍ରତିଷ୍ଠା, ଅବହେଳା, ଅଣଦେଖା, ସମାଲୋଚନା, ଆଲୋଚନା, ପ୍ରଶଂସା, ନିନ୍ଦା ସବୁକୁ ସହ୍ୟ କରି ଆଗକୁ ବଢ଼ିଚାଲିଛି 'ଉତ୍କଳ ବିଶ୍ୱବିଦ୍ୟାଳୟ', ଆଉ ବଢ଼ି ଚାଲିଥିବ ମଧ୍ୟ। ୨୦୧୬ ନଭେମ୍ବରରେ ଶୈକ୍ଷିକ ତଥା ସ୍ଥିତି ପ୍ରଗତିର ଆକଳନ କରିବା ପାଇଁ ନାକ୍ ଦଳ ଆସିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟକୁ। ଶିକ୍ଷା, ଗବେଷଣା, ଭିତ୍ତିଭୂମି, ସାମାଜିକ ଦାୟିତ୍ୱ, ନୂତନତ୍ୱ ଇତ୍ୟାଦି ବିଷୟରେ ଆକଳନ କରବା ପାଇଁ ୮ଜଣିଆ ପ୍ରତିନିଧି ଦଳ ଘୁରି ବୁଲିଥିଲା ବିଶ୍ୱବିଦ୍ୟାଳୟର କୋଣ ଅନୁକୋଣ। ଆସିବା ପୂର୍ବରୁ କେଉଁ କେଉଁ ବିଷୟକୁ ନେଇ କୁଳପତି ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା ହେବ ଏବଂ ଗତ ପାଞ୍ଚ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ଉପରୋକ୍ତ ବିଷୟମାନଙ୍କରେ କ'ଣ ସବୁ କରିପାରିଛି, ତାହାର ସମୀକ୍ଷା ହେବ ବୋଲି ଜଣାଇଥିଲେ ସେମାନେ। ଦୀର୍ଘ ୪ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏକାକାର ହୋଇଥିଲେ ସମସ୍ତ ଛାତ୍ର, ଶିକ୍ଷକ ଓ କର୍ମଚାରୀ। ପ୍ରସ୍ତୁତି ଚାଲିଲା, ଆମର ଯାହା ଭଲ ସବୁ କେମିତି ଆଗକୁ ଆସିବ ଓ ଦେଖାଯିବ। ସହଯୋଗ ମିଳିଲା ସରକାରଙ୍କଠାରୁ। ପ୍ରଶାସିନକ ଭବନରୁ ସ୍ନାତକୋତ୍ତୋର ବିଭାଗ ଯାଏ, ପାଠାଗାରରୁ ଛାତ୍ରୀ ନିବାସ ଓ ଛାତ୍ରାବାସ ଯାଏ, ସବୁଠି ପ୍ରସ୍ତୁତି ଚାଲିଲା। ଗବେଷଣା, ଶିକ୍ଷା ପଦ୍ଧତିରେ ଆସିଥିବା ପରିବର୍ତ୍ତନ ଉପସ୍ଥାପନା କରିବା ପାଇଁ ପ୍ରସ୍ତୁତି ଚାଲିଲା। ବର୍ଷାଜଳ ସଂରକ୍ଷଣ, କୃଷି ପରିଚାଳନା ପରୀକ୍ଷାଗାର, ବିଜୁ ପଟ୍ଟନାୟକ କ୍ରୀଡ଼ାଙ୍ଗନ, ଛାତ୍ର ସଂସଦ କାର୍ଯ୍ୟାଳୟ, ଛାତ୍ରାବାସ ସମୂହ, ପାଠାଗାର ଇତ୍ୟାଦି ଆନୁସଙ୍ଗିକ ବ୍ୟବସ୍ଥାରେ ମଧ୍ୟ ଅନେକ ସୁଧାର ଆସିଲା। ସବୁଠାରୁ ଆବର୍ଜନା ଉଠିଲା। ସବୁଠି ସବୁଜିମା ବଳୟ ସୃଷ୍ଟି ପାଇଁ ବ୍ୟବସ୍ଥା ହେଲା। ମୁଖ୍ୟଫାଟକଠାରୁ ପ୍ରସ୍ଥାନ ଦ୍ୱାର ଯାଏ ସୁନ୍ଦର ତଥା ରଙ୍ଗୀନ ପରିବେଶରେ ସଜ୍ଜିତ ହେଲା ବିଶ୍ୱବିଦ୍ୟାଳୟ।

ଅନ୍ତେବାସୀମାନେ ନିଜ ଉଦ୍ୟମ ଏବଂ ସରକାରୀ ସହଯୋଗରେ ଆଗେଇ ଆସିଲେ 'ନାକ୍' ଦଳ ଆଗରେ ନିଜର ଗୁଣାତ୍ମକ ବିକାଶକୁ ଉପସ୍ଥାପନ କରିବା ପାଇଁ। ଅନେକ ଆଶା ଓ ଆଶଙ୍କା। ନାକ୍ ଦଳ ସନ୍ତୁଷ୍ଟ ହେଲେ ଭଲ ଗ୍ରେଡ୍ ମିଳିବ। ଭଲ ଗ୍ରେଡ୍ ମିଳିଲେ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ମାନଚିତ୍ରରେ ଏକ ଭଲ ସ୍ଥାନରେ ରହିବ ଏବଂ ଅଧିକ ଆର୍ଥିକ ସହାୟତା ପାଇବ। ଉତ୍କଳର ପ୍ରଥମ ଓ ସର୍ବ ବୃହତ୍ ବିଶ୍ୱବିଦ୍ୟାଳୟର ନା' ତଳେ ପଡ଼ିବ ନାହିଁ। ଉତ୍କର୍ଷ ଖୋଜିଲାବେଳେ ସ୍ନାତକୋତ୍ତର ବିଭାଗମାନେ ନିଜର ଶିକ୍ଷକମାନଙ୍କ ଗବେଷଣାତ୍ମକ ତଥା ଶୈକ୍ଷିକ ବିକାଶରେ ଆଶ୍ଚର୍ଯ୍ୟ ପ୍ରକଟ କଲେ। ନିଜ ଛାତ୍ରମାନଙ୍କ ପ୍ରତିଷ୍ଠାରେ ଗର୍ବିତ ହେଲେ। ବିଶ୍ୱବିଦ୍ୟାଳୟର ଗବେଷଣାତ୍ମକ ପ୍ରବନ୍ଧମାନଙ୍କ ଆକଳନ ଅତ୍ୟନ୍ତ ଉତ୍ସାହଜନକ।

'ନାକ୍' ଦଳ ନିଜ ଆକଳନ ସମୟରେ କର୍ମଚାରୀ, ଛାତ୍ରଛାତ୍ରୀ, ଅନୁବନ୍ଧିତ ମହାବିଦ୍ୟାଳୟମାନଙ୍କ ଅଧ୍ୟକ୍ଷ ତଥା ପ୍ରାକ୍ତନ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସହ ମତ ବିନିମୟରେ ଅତ୍ୟନ୍ତ ଆନନ୍ଦିତ ହେବା ସହ ଯିବା ପୂର୍ବରୁ ଅନ୍ତେବାସୀମାନଙ୍କ ସହ ଭାଗନେଇଥିବା ସଭାରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ହେବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ଯୋଗ୍ୟତା ଅଛି ବୋଲି ସହର୍ଷରେ ପ୍ରକାଶ କଲେ। ଏହା ଅତ୍ୟନ୍ତ ଶୁଭ ସୂଚନା। ଜାତୀୟ ଆକଳନ ଓ ମାନ୍ୟତା ପ୍ରଦାନ କମିଟି(ନାକ୍)ର ଦ୍ୱିତୀୟ ପର୍ଯ୍ୟାୟ ପରିଦର୍ଶନ ଫଳ ୨ଡିସେମ୍ବର ୨୦୧୬ରେ ପ୍ରକାଶ ପାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ନାକ୍ ମାନ୍ୟତାରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ 'ଏ+' ମାନ୍ୟତା ପ୍ରଦାନ କରାଯାଇଛି। ଶିକ୍ଷାର ସୁବ୍ୟବସ୍ଥା, ଅଧ୍ୟୟନର ଅନୁକୂଳ ପରିବେଶ, ଉଚ୍ଚତର ଗବେଷଣା ଲାଗି ଉପଯୁକ୍ତ କ୍ଷେତ୍ର ଅନୁଧ୍ୟାନ ପରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ନାକ୍ ଏ+ ମାନ୍ୟତା ମିଳିଛି। ଓଡ଼ିଶାରେ ନାକ୍ ଏ+ ମାନ୍ୟତା ପାଇବାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ ହୋଇଥିବାବେଳେ ଦେଶରେ ପ୍ରାଦେଶିକ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛି।

ତାମିଲନାଡୁର ଭାରତୀଦର୍ଶନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସି.ଥଙ୍ଗାମୁଥୁଙ୍କ ନେତୃତ୍ୱରେ ଆସିଥବା ୮ଜଣିଆ ନାକ୍ ଟିମ୍ ବାଣୀବିହାର ପରିଦର୍ଶନରେ ଆସିଥିଲେ। ବିଶ୍ୱବିଦ୍ୟାଳୟର ନିରନ୍ତର ବିକାଶ ଏବଂ ଗୁଣାତ୍ମକ ଶିକ୍ଷାଦାନ ଓ ଗବେଷଣା ଉପରେ ସେମାନେ ଖୁସି ବ୍ୟକ୍ତ କରଥିଲେ। ବାଣୀବିହାରର ୨୭ଟି ସ୍ନାତକୋତ୍ତର ବିଭାଗ ମଧ୍ୟରୁ ୨୪ଟିର ଉତ୍କୃଷ୍ଟ ଶିକ୍ଷାଦାନ ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣ ଥିବା ପ୍ରକାଶ କରିଥିଲେ।

ପ୍ରଫେସର ସି.ଥଙ୍ଗାମୁଥୁଙ୍କ ଅଧ୍ୟକ୍ଷରେ ଆସିଥିବା ଟିମ୍‌ରେ ପ୍ରଫେସର ପି.ଗୀତା, ପ୍ରଫେସର ଅଜୟ କୁମାର ସିଂହ, ପ୍ରଫେସର ପରମ୍‌ଜିତ୍ କୌର, ପ୍ରଫେସର ଦେବାଶିଷ କର, ପ୍ରଫେସର ରେଖା ଭାଗଦଉରିଆ, ଡ.ସଚିନ୍ ଏନ୍.ଦେଶମୁଖ ସଦସ୍ୟ ଥିଲେ। ସେମାନେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସିଜିପିଏ ୩.୫୩ ନମ୍ବର ପ୍ରଦାନ କରିବା ସହିତ ଏ+ ଗ୍ରେଡ୍ ପ୍ରଦାନ କରିଥିଲେ। ଉତ୍କଳର ଭିତ୍ତିଭୂମି, ଶିକ୍ଷାଦାନ ପ୍ରଣାଳି ଓ ଗବେଷଣା ବେଶ୍ ସୁଦୃଢ଼। ତେଣୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ନାକ୍ ଟିମ୍ ପକ୍ଷରୁ ଏ+ ଗ୍ରେଡ୍ ପ୍ରଦାନ କରାଯାଇଛି। ଏବେ ବିକାଶ ପଥରେ ବାଣୀବିହାର ଅଗ୍ରସର ହେଉଛି। ଏବେ ଉତ୍କଳ ବିଶ୍ୱବିଦ୍ୟାଳୟ ଉତ୍କର୍ଷର କେନ୍ଦ୍ର ହେବା ପାଇଁ ପଥ ପରିଷ୍କାର ହୋଇଯାଇଛି।

ଅନ୍ୟ ବିଶ୍ୱବିଦ୍ୟାଳୟ ପରି ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଚାରଧର୍ମୀ ନୁହେଁ। ସବୁ ଗଣତାନ୍ତ୍ରିକ ବ୍ୟବସ୍ଥା ପରି ଏଠାରେ ମଧ୍ୟ ମନାନ୍ତର ଓ ମତାନ୍ତର ଅଛି, ଏଥିରେ ସନ୍ଦେହ ନାହିଁ। ବିଶ୍ୱବିଦ୍ୟାଳୟ ପରି ଉନ୍ମୁକ୍ତ ଶିକ୍ଷା ବ୍ୟବସ୍ଥାରେ ନୂତନତ୍ତ୍ୱ ଆଣିବାକୁ ହେଲେ ଗଠନ ମୂଳକ ବିରୋଧାଭାଷ ରହିବା ବିଧେୟ ମଧ୍ୟ। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା ସ୍ପଷ୍ଟ ପ୍ରମାଣିତ ହେଲା ଯେ ସମସ୍ତେ ଏକ ହେଲେ ବିଶ୍ୱବିଦ୍ୟାଳୟର ପ୍ରଗତି ହେବ; ଆଲୋଚନା, ପର୍ଯ୍ୟାଲୋଚନା ଓ ସମାଲୋଚନା ଜରିଆରେ ଆଗକୁ ବଢ଼ି ହେବ।

ଆସନ୍ତାବର୍ଷ ହୀରକ ଜୟନ୍ତୀ ଉତ୍ସବ ପାଳନ ହେବାକୁ ଯାଉଛି। ଆମକୁ ଗର୍ବର ସହ କହିବାକୁ ହେବ ଯେ ଆମେ ଉତ୍କଳ ବିଶ୍ୱବିଦ୍ୟାଳୟର ଦାୟାଦ। ଆମେ ଉତ୍କଳ ପାଇଁ ଗର୍ବିତ। ଖାଲି ସେତିକି ନୁହେଁ, ଦାୟାଦ ହିସାବରେ ଏହାର ପୁନଃ ଉନ୍ନତିରେ ଆମକୁ ସହଯୋଗ କରିବାକୁ ହେବ। ଆସନ୍ତୁ ବର୍ତ୍ତମାନର ସ୍ଥିତି ଯେପରି ଆହୁରି ସୁଦୃଢ଼ ଏବଂ ସୁନ୍ଦର ହେବ, ସେଥିପାଇଁ ଶପଥ ନେବା।





ସାକ୍ଷାତକାର

# ଭୌଗଳିକ ଶବ୍ଦକୋଷ ବିନ୍ଧାଣୀ ଗୁଗୁଲ୍ ଗାର୍ଲ 'ମେଘାଳୀ'



**ଅଦ୍ଭୁତ ସ୍ମରଣ ଶକ୍ତି ପାଇଁ ମେଘାଳୀ ମାଳବିକା ସ୍ୱାଇଁ ଆଜି ଗୁଗୁଲ୍ ଗାର୍ଲ ନାମରେ ସୁଖ୍ୟାତି ଅର୍ଜନ କରିଛନ୍ତି। ଆଶ୍ଚର୍ଯ୍ୟଜନକ ସ୍ମରଣ ଶକ୍ତି ଓ ଅଦ୍ଭୁତ ପ୍ରତିଭାର ଅଧିକାରିଣୀ ଭୁବନେଶ୍ୱରର ଏହି ୧୦ବର୍ଷର ଝିଅ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଭବିଷ୍ୟତରେ ଜଣେ ଗବେଷିକା ଭାବେ କାର୍ଯ୍ୟ କରିବାରେ ଅଭିଳାଷ ରଖିଥିବା ମେଘାଳୀ ଆଗାମୀ ଦିନରେ କିଛି ଚମତ୍କାରିତା ଦେଖାଇବେ ବୋଲି ଅଶା ଓ ବିଶ୍ୱାସ।**

***ପ୍ରଶ୍ନ: 'ଗୁଗୁଲ୍ ଗାର୍ଲ' ଉପାଧି କେବେ ମିଳିଥିଲା ?***
ଉତ୍ତର: ଘରୋଇ ଟିଭି ଚ୍ୟାନେଲ୍ 'ଜି ନ୍ୟୁଜ୍' ପକ୍ଷରୁ ୨୦୧୩ ଡିସେମ୍ବର ୨୫ 'ଗୁଗୁଲ୍ ଗାର୍ଲ' ଉପାଧି ପ୍ରଦାନ କରାଯାଇଥିଲା।

***ପ୍ରଶ୍ନ: ଏଥିପାଇଁ କ'ଣ ପରୀକ୍ଷା କରାଯାଇଥିଲା ?***
ଉତ୍ତର: ବିଭିନ୍ନ ଦେଶର ଭୌଗଳିକ ସ୍ଥିତି, ସେଠାକାର ଜାତୀୟ ପତାକା, ଭାଷା, ନଦୀର ଉତ୍ପତ୍ତି ସ୍ଥଳ ଓ ସଂଯୋଗ, ସାଗର, ମହାସାଗର, ମହାଦେଶ, ରାଜଧାନୀ ଆଦି ବିଷୟରେ ପ୍ରଶ୍ନ କରାଯାଇଥିଲା। ମୁଁ ଏସବୁର ଉତ୍ତର ଚଟାପଟ୍ ଦେଇଥିଲି। ବିଚାରକ ମଣ୍ଡଳୀ ଉତ୍ତର ଶୁଣି ଖୁସି ହୋଇଯାଇଥିଲେ।

***ପ୍ରଶ୍ନ: ଇଣ୍ଡିଆ ବୁକ୍ ରେକର୍ଡ୍ସର ପ୍ରତିନିଧି କେତେ ସମୟରେ କ'ଣ ପ୍ରଶ୍ନ ପଚାରିଥିଲେ ?***
ଉତ୍ତର: ୭ ମିନିଟ୍ ୩୯ ସେକେଣ୍ଡରେ ୧ହଜାର ନଦୀର ନାମ, ୯ ମିନିଟ୍ ୪ ସେକେଣ୍ଡରେ ୧ହଜାର ସହରର ନାମ ଏବଂ ୧୧ ମିନିଟ୍ ୨୯ ସେକେଣ୍ଡ୍‌ରେ ୧ହଜାର ପର୍ବତ, ମହାସାଗର ଆଦିର ନାମ ପ୍ରଶ୍ନ କରାଯାଇଥିଲା, ଯାହାର ଉତ୍ତର ଅତି ସହଜରେ ଦେଇ ପାରିଥିଲି।

***ପ୍ରଶ୍ନ: ଆଉ କିଛି ପ୍ରଶ୍ନ ପଚାରିଥିଲେ କି ?***
ଉତ୍ତର: ହଁ ପଚାରିଥିଲେ। ୧୯୬ ଦେଶର ରାଜଧାନୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଦ୍ୱାରା ଘୋଷଣା ହୋଇଥିବା ଭାରତର ୯୭ଟି ସ୍ମାର୍ଟସିଟିର ନାମ ସମେତ ପୃଥିବୀର ପ୍ରତିଟି ପ୍ରାନ୍ତର ପ୍ରାକୃତିକ ଅବସ୍ଥିତି ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତର ମାତ୍ର ୯ ମିନିଟ୍ ୪ ସେକେଣ୍ଡରେ ଦେଇଥିଲି।

***ପ୍ରଶ୍ନ: ଭବିଷ୍ୟତରେ କେଉଁ ବିଷୟରେ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଛନ୍ତି।***
ଉତ୍ତର: ମୋତେ ସବୁ ବିଷୟ ପଢ଼ିବାକୁ ଭଲ ଲାଗେ। ଗଣିତ, ବିଜ୍ଞାନ, ମହାକାଶ ବିଜ୍ଞନା ଓ ଜ୍ୟୋତିଶଶାସ୍ତ୍ର ପଢ଼ିବାରେ ରୁଚି ରଖିଛି। ବିଜ୍ଞାନ ଓ ସମାଜ ବିଜ୍ଞାନ କ୍ଷେତ୍ରରେ ଗବେଷଣା କରି ସେଥିରେ ଉତ୍କର୍ଷ ପ୍ରତିପାଦନ ପାଇଁ ଉଦ୍ୟମ ଜାରି ରଖିବି। ଗବେଷଣାର ଉପକାରିତା କିଭଳି ରାଜ୍ୟ ତଥା ଦେଶର ବିକାଶରେ ବିନିଯୋଗ ହୋଇପାରିବ ସେଥିପାଇଁ ପଦକ୍ଷେପ ନେବି।

***ପ୍ରଶ୍ନ: ଆଉ କେଉଁଥିରେ ରୁଚି ରହିଛି ?***
ଉତ୍ତର: ମୋତେ ପେଣ୍ଟିଂ କରିବାକୁ ବହୁତ ଭଲ ଲାଗେ। ଏହାଛଡ଼ା ଭାଓଲିନ୍ ବି ବଜାଉଛି। ସେହିପରି ସୁସ୍ଥ, ସୁନ୍ଦର ଓ ନିରୋଗ ଶରୀର ପାଇଁ ଯୋଗାଭ୍ୟାସ କରୁଛି। ଏବେ ସୂର୍ଯ୍ୟ ନମସ୍କାର, ବକ୍ରାସନ, ଶବାସନ ଆଦି ୧୫ଟି ଯୋଗରେ ପାରଦର୍ଶିତା ହାସଲ କରିଛି।

***ପ୍ରଶ୍ନ: ନିଜ ସଫଳତା ସମ୍ପର୍କରେ କିଛି କହିବେକି ?***
ଉତ୍ତର: ବାପାମା'ଙ୍କ କଥାମାନି ନିୟମିତ ପାଠପଢ଼ିବା, ପ୍ରଶ୍ନପଚାରି ତାହାର ଉତ୍ତର ଖୋଜିବା ଓ ଉତ୍ତର ନ ପାଇବା ପର୍ଯ୍ୟନ୍ତ ପ୍ରଶ୍ନପଚାରି ଚାଲିବା ହିଁ ମୋତେ ସଫଳତା ଆଣିଦେଇଛି।

***ପ୍ରଶ୍ନ: ନିଜ ସଫଳତାର ଶ୍ରେୟ କାହାକୁ ଦେବେ ?***
ଉତ୍ତର: ପିତାମାତା, ଗୁରୁଜନ ଓ ଈଶ୍ୱରଙ୍କ ଆଶୀର୍ବାଦରୁ ମୋତେ ଏହି ସଫଳତା ମିଳିଛି। ସେମାନେ ମୋର ଆଦର୍ଶ ଓ ମୋ' ସଫଳତାର ଶ୍ରେୟ ସେମାନଙ୍କୁ ଦେବି।

ପ୍ରସ୍ତୁତି: ଡ.ରମାକାନ୍ତ ମହାନନ୍ଦ

# ଆମରି ସ୍ୱର...





***ମହେଶ ପ୍ରସାଦ, ସଭାପତି, ଉତ୍କଳ ବିଶ୍ୱବିଦ୍ୟାଳୟ, ଛାତ୍ର ସଂସଦ:*** ବାଣୀବିହାରର ପ୍ରତ୍ୟେକ ଛାତ୍ରଛାତ୍ରୀ ସ୍ନାତକୋତ୍ତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କିଭଳି ନିଯୁକ୍ତି ପାଇପାରିବେ ସେଥିପାଇଁ ଉଦ୍ୟମ ହେଉ। ବିଭିନ୍ନ ଅନୁଷ୍ଠାନ ସହିତ ଯୋଗାଯୋଗ ରକ୍ଷା କରି କ୍ୟାମ୍ପସ ଜରିଆରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦିଆଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ । ବିଶେଷ କରି ଛାତ୍ରଛାତ୍ରୀଙ୍କ ଯେଭଳି ସାଧାରଣଜ୍ଞାନ ଦକ୍ଷତା ବୃଦ୍ଧି ହେବ ସେଥିପାଇଁ କର୍ତ୍ତୃପକ୍ଷ ଧ୍ୟାନ ଦିଅନ୍ତୁ । ସମସ୍ତ ଏମ୍‌ଫିଲ୍ ଓ ପିଏଚ୍‌ଡି ସମେତ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ଫେଲୋସିପ୍ ଦିଆଯିବାର ବ୍ୟବସ୍ଥା ହେଉ।



***ନିବେଦିତା ପଟ୍ଟନାୟକ, ଛାତ୍ରୀ:*** ଦିନକୁ ଦିନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପ୍ରତିଦ୍ୱନ୍ଦ୍ୱୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଠାକାର ଛାତ୍ରଛାତ୍ରୀ କିଭଳି ସେହିପରୀକ୍ଷାଗୁଡ଼ିକରେ ସଫଳ ହେବେ ସେଥିପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରାଯିବା ଉଚିତ। ନିଯୁକ୍ତି ସମ୍ପର୍କିତ ସମସ୍ତ ତଥ୍ୟ ଯେଭଳି ସେମାନେ ଜାଣି ପାରିବେ ସେଥିପାଇଁ ପଦକ୍ଷେପ ନିଆଯାଉ ଓ ଏଥିପାଇଁ ଆବଶ୍ୟକ ତାଲିମ ଦିଆଯାଉ। ରାସ୍ତାଘାଟର ଆଲୋକୀକରଣ ସାଙ୍ଗକୁ ବାଣୀବିହାରରେ ଥିବା ଲଟାବୁଦାକୁ ସଫାସୁତୁରା କରାଯାଇ ସେହି ସ୍ଥାନକୁ ଏକ ପାର୍କରେ ପରିଣତ କରାଯାଉ। ଏହାଦ୍ୱାରା କ୍ୟାମ୍ପସରେ ଏକ ସବୁଜ ପରିବେଶ ସୃଷ୍ଟି ହେବା ସାଙ୍ଗକୁ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ମଧ ଆଗ୍ରହ ବୃଦ୍ଧି ପାଇବ।



***ଶୁଭସ୍ମିତା ପାଲିକା, ଛାତ୍ରୀ:*** ଛାତ୍ରଛାତ୍ରୀମାନଙ୍କ ପାଇଁ ନୂଆ ବହି, ଜର୍ଣ୍ଣାଲ କ୍ରୟ କରାଯିବା ସହିତ ସେମାନେ କିଭଳି ଇଣ୍ଟରନେଟ୍ ମାଧ୍ୟମରେ ତାହା ପାଇପାରିବେ ସେଥିପାଇଁ ବ୍ୟବସ୍ଥା କରାଯିବା ଉଚିତ । ପରିଜା ଲାଇବ୍ରେରୀରୁ ଛାତ୍ରଛାତ୍ରୀମାନେ କିଭଳି ସମସ୍ତ ବହି ଓ ମ୍ୟାଗାଜିନ୍ ସିଡି କିମ୍ବା ପେନ୍‌ଡ୍ରାଇଭ୍‌ରେ ନେଇ ପାରିବେ ସେଥିପାଇଁ ଉଦ୍ୟମ ହେଉ। ପ୍ରତ୍ୟେକ ବିଭାଗରେ ଲାଇବ୍ରେରୀକୁ ଉନ୍ନତ କରାଯିବା ସହ ତାହା ୨୪ଘଣ୍ଟା ଖୋଲା ରଖାଯାଉ। ଏହାଦ୍ୱାରା ବହି ପଢ଼ିବା ପାଇଁ ଛାତ୍ରଛାତ୍ରୀ ହଇରାଣ ହେବେ ନାହିଁ ଓ ସେମାନଙ୍କ ମନପସନ୍ଦ ବହିଗୁଡ଼ିକ ପଢ଼ିବାର ସୁଯୋଗ ପାଇବେ।



# ବଢ଼ାନ୍ତୁ ନିଜର ଆତ୍ମବିଶ୍ୱାସ

ଏବେକାର ଯୁବପିଢ଼ିଙ୍କ ଭିତରେ ଆତ୍ମବିଶ୍ୱାସର ଅଭାବ ପରିଲକ୍ଷିତ ହେଉଛି। ଫଳରେ ସେମାନେ ଜୀବନ ଚଲାପଥରେ ସ୍ୱଳ୍ପ ସମୟ ଯାତ୍ରା କରିବା ପରେ ବେଳେ ବେଳେ ହାରି ଯାଉଛନ୍ତି। ଆଉ ପରିଣତି ହେଉଛି ଆତ୍ମହତ୍ୟା। ହାରିଯିବା ଜୀବନର ଲକ୍ଷ୍ୟ ନୁହେଁ ବରଂ ହାରିବା ପରେ ବି ଜିତିବା ଆମର ଲକ୍ଷ୍ୟ ହେବା ଦରକାର। ତେଣୁ ବଢ଼ାନ୍ତୁ ନିଜର ଆତ୍ମବିଶ୍ୱାସ। କରନ୍ତୁ ନିଜକୁ ଦୃଢ଼।



## ଆତ୍ମ ସେଚତନ ହୁଅନ୍ତୁ

ନିଜର କ୍ଷମତା ଓ ସାମର୍ଥ୍ୟ ଉପରେ ସନ୍ଦେହ କରନ୍ତୁ ନାହିଁ। ନିଜ ଭିତରେ ଥିବା ସକରାତ୍ମକ ଚିନ୍ତାକୁ ବାହାରକୁ ଆଣନ୍ତୁ ଓ କାମରେ ଲଗାନ୍ତୁ।

## କ୍ଷମାର ପାତ୍ର ହୁଅନ୍ତୁ ନାହିଁ

ଏଭଳି କିଛି କାମ କରନ୍ତୁ ନାହିଁ, ଯାହା ପାଇଁ ଆପଣଙ୍କୁ କାହା ନିକଟରେ ଗୋଡ଼ଭାଙ୍ଗି ଠିଆ ହେବାକୁ ପଡ଼ିବ। ଯଦି ସେତିକି ଆବଶ୍ୟକ ମନେ କରନ୍ତି, ତେବେ 'ମୁଁ ଦୁଃଖିତ' ବୋଲି କହିପାରନ୍ତି। ଅନ୍ୟ ସାମ୍ନାରେ ନିଜକୁ ହୀନ ଭାବନ୍ତୁ ନାହିଁ। ଏହା ଆପଣଙ୍କ ଆତ୍ମବିଶ୍ୱାସକୁ କମ୍ କରିଥାଏ।

## ଦୁଃସାହାସୀ ହୁଅନ୍ତୁ

କାମ ଯାହା ହେଉନା କାହିଁକି କରିପାରିବେନି ବୋଲି ଭାବନ୍ତୁ ନାହିଁ। ବରଂ ଚେଷ୍ଟା କରିବି ବୋଲି କହିପାରନ୍ତି। ଆଉ ଚେଷ୍ଟା କରିବା ବେଳେ ସେତିକି ତ୍ୟାଗପୂତ ରୁହନ୍ତୁ; ଯାହା ଫଳରେ ଆପଣଙ୍କ ଚେଷ୍ଟା ସଫଳ ହୋଇପାରିବ।

## ଉଚ୍ଚ ଚିନ୍ତା କରନ୍ତୁ

ନିଜକୁ ହୀନମନ୍ୟତାଠାରୁ ଦୂରେଇ ନେଇ ନିଜକୁ ଉଚ୍ଚମନା ହେବାକୁ ଦିଅନ୍ତୁ। ସବୁ କାମ ପାଇଁ ନିଜ ଭିତରେ ଥିବା ଶକ୍ତି ଓ ସାମର୍ଥ୍ୟର ସୁବିନିଯୋଗ ନିଶ୍ଚୟ କରନ୍ତୁ। ଦେଖିବେ କେବେ ବି ହାରିବେନି।

## ଅନ୍ୟକୁ ଶୁଣନ୍ତୁ

ଆମେ ସବୁବେଳେ ବିଭିନ୍ନ ବିଷୟରେ ବହୁ କଥା କହିଥାଉ, ମାତ୍ର ଅନ୍ୟର କଥା ଶୁଣିବାର ଧୈର୍ଯ୍ୟ ଆମ ପାଖରେ କମ୍ ଥାଏ। ଏହି ପ୍ରକୃତିରେ ପରିବର୍ତ୍ତନ ଆଣିବା ଜରୁରୀ। ନିଜେ କହିବା ଅପେକ୍ଷା ଅନ୍ୟଠାରୁ ଶୁଣିଲେ ଆମକୁ ବେଶୀ ଫାଇଦା ମିଳିଥାଏ।

## ଜ୍ଞାନଥାଇ ଯୁକ୍ତି କରନ୍ତୁ

କୌଣସି କଥାବାର୍ତ୍ତା ସମୟରେ ଯଦି ଉପସ୍ଥାପନା କରିବାକୁ ଚାହାଁନ୍ତି, ତେବେ ପ୍ରଥମେ ସେ ବିଷୟରେ ନିଜର ଜ୍ଞାନ କେତେ ଜାଣି ନିଅନ୍ତୁ। ତା'ପରେ ଯୁକ୍ତି ବାଢ଼ନ୍ତୁ, ପରର ଜ୍ଞାନକୁ ପାଥେୟ କରି କେବେ ବି ଯୁକ୍ତି ବାଢ଼ିବା ଠିକ୍ ନୁହେଁ। ଏପରି କରିବା ଦ୍ୱାରା ଆପଣଙ୍କ ହାରିବା ନିଶ୍ଚିତ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ..

ରଥରେ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ ପରେ ବିଶ୍ୱେଶ୍ୱର ମନ୍ଦିରରୁ ଆରମ୍ଭ ହୋଇଥିଲା ରଥଟଣା। ଭାବ ଓ ଭକ୍ତିମୟ ପରିବେଶରେ ଶ୍ରୀଜୀଉଙ୍କ ରଥକୁ ଟାଣିଥିଲେ ଶ୍ରଦ୍ଧାଳୁ। ୟୁନିଭର୍ସିଟି ହାଇସ୍କୁଲ ପଛପାର୍ଶ୍ୱ ଦେଇ ପାଣିଟାଙ୍କି, କୁଳପତିଙ୍କ କାର୍ଯ୍ୟାଳୟ, ପିଜି କାଉନ୍‌ସିଲ୍ କାର୍ଯ୍ୟାଳୟ, ସ୍କୁଲ ଅଫ୍ ଓ୍ୱମେନ୍ସ ଷ୍ଟଡିଜ୍, ଏମ୍‌ବିଏ, ମାଥ୍‌ମାଟିକ୍ସ, ଆଇଏମ୍‌ସିଏ, ଫାର୍ମାସି ବିଭାଗ ରାସ୍ତାରେ ଡାହାଣମୋଡ଼ ନେଇଥିଲା। ଷ୍ଟାଫ୍ କ୍ୱାଟର୍ସ ଅଭିମୁଖେ ଯାଇଥିବା ରାସ୍ତାରେ ଯାଇ ମହାପ୍ରଭୁଙ୍କ ରଥ ପହଞ୍ଚିଥିଲା ମାଉସୀମା ମନ୍ଦିରରେ। ସେଠାରେ ପାରମ୍ପରିକ ରୀତିନୀତି ସମ୍ପନ୍ନ କରାଯାଇଥିଲା।

ବାଣୀକ୍ଷେତ୍ରର ମାଉସୀମା ମନ୍ଦିର ଭାବେ ପରିଚିତ କେଦାରଶ୍ୱର ମନ୍ଦିର ଚଳଚଞ୍ଚଳ ହୋଇଉଠିଥିଲା। ପହଣ୍ଡି ବିଜେ ପରେ ଶ୍ରୀଜୀଉ ଆଡ଼ପମଣ୍ଡପ ବିଜେ କରିଥିଲେ। କେଦାରଶ୍ୱର ମନ୍ଦିରରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ଜଣାଣ, ପ୍ରବଚନ, ଆରତି ଆଦି ଅନୁଷ୍ଠିତ ହୋଇଥିଲା। ବାଣୀବିହାର ଛାତ୍ରଛାତ୍ରୀ ଓ କର୍ମଚାରୀ ତଥା ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଆନନ୍ଦର ସହ ଶ୍ରୀଜୀଉଙ୍କ ରଥ ଟାଣିଥିଲେ। ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବାଣୀକ୍ଷେତ୍ରର ଘୋଷଯାତ୍ରା ପରିଚାଳନା କରିଥିଲେ।

ବାଣୀକ୍ଷେତ୍ର ଘୋଷଯାତ୍ରା ସମ୍ପର୍କରେ ଆବାହକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି ଯେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୯୭୩ରୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ହୋଇଆସୁଅଛି।ବିଶ୍ୱେଶ୍ୱର ମନ୍ଦିରରୁ କେଦାରେଶ୍ୱର ମନ୍ଦିର ପର୍ଯ୍ୟନ୍ତ ବାଣୀବିହାରର ପ୍ରଶସ୍ତରାସ୍ତାକୁ ବଡ଼ଦାଣ୍ଡ ଭାବେ ବିବେଚନା କରାଯାଇ ଘୋଷଯାତ୍ରା ସମ୍ପନ୍ନ ହେଉଛି। ପବିତ୍ର ଅକ୍ଷୟ ତୃତୀୟା ତିଥିରୁ ରଥ ଅନୁକୂଳ ହୁଏ। ସ୍ନାନପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ପରେ ଅଣସର ଘରେ ରୁହନ୍ତି। ଆଷାଢ଼ ଶୁକ୍ଳ ପ୍ରତିପଦ ତିଥିରେ ନବଯୌବନ ବେଶ ହେଉଥିବାବେଳେ ଦ୍ୱିତୀୟ ତିଥିରେ ସକାଳ ସୂର୍ଯ୍ୟପୂଜା, ରଥପୂଜା, ପହଣ୍ଡି, ଛେରାପହଁରା ଆଦି ଶ୍ରୀଗୁଣ୍ଡିଚା ରୀତିନୀତିରେ ସମ୍ପନ୍ନ ହେବା ପରେ ରଥଟଣା ପର୍ବ ଅନୁଷ୍ଠିତ ହୁଏ।





ଶ୍ରୀଗୁଣ୍ଡିଚା ମନ୍ଦିରରେ ପିଲାଙ୍କ ରଥ

ଆଷାଢ଼ ଶୁକ୍ଳପକ୍ଷ ପଞ୍ଚମୀ ତଥା ହେରାପଞ୍ଚମୀ ତିଥିରେ ଲକ୍ଷ୍ମୀବିମାନରେ ଆସି ରଥଭାଙ୍ଗିବା ପରମ୍ପରା ରହିଛି। ଏହାପରଦିନ ରଥକୁ ଦକ୍ଷିଣମୋଡ଼ କରାଯାଇ ନବମୀରେ ସନ୍ଧ୍ୟା ଦର୍ଶନ ଓ ଏହାପରେ ବାହୁଡ଼ାଯାତ୍ରା ହେଉଛି। ଶ୍ରୀଜୀଉ ମାଉସୀମା' ଘରେ ୯ ଦିନ ରହନ୍ତି।

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ୧୯୯୧ରେ ବିଶ୍ୱେଶ୍ୱର ମନ୍ଦିର ପରିସରରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ହୋଇଛି। ବର୍ତ୍ତମାନ ସୁଦ୍ଧା ଗର୍ଭଗୃହ, ଲକ୍ଷ୍ମୀ, ବିମଳା ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ଶ୍ରୀଜୀଉଙ୍କ ଗମ୍ବୁଜ ନିର୍ମାଣ କାର୍ଯ୍ୟ ବାକି ରହିଛି।



ରଥ ଦଉଡ଼ି

୨୦୧୬ରେ ଅରୁଣସ୍ତମ୍ଭ ଓ ଗରୁଡ଼ସ୍ତମ୍ଭ ସାଙ୍ଗକୁ ୨୨ପାହାଚ ନିର୍ମାଣ କାର୍ଯ୍ୟ ସରିଛି। ଶ୍ରଦ୍ଧାଳୁଙ୍କ ଦାନରେ ନିର୍ମିତ ହେଉଥିବା ଶ୍ରୀଜଗନ୍ନାଥ ମନ୍ଦିର ୨୦୧୭ ଶେଷ ସୁଦ୍ଧ ଶେଷ ହେବ ବୋଲି ଆଶାକରାଯାଉଛି। ବିଶ୍ୱେଶ୍ୱେର ମନ୍ଦିର ପରିଚାଳନା ସମିତି ପକ୍ଷରୁ ବାଣୀକ୍ଷେତ୍ରରେ ରଥଯାତ୍ରା ସମ୍ପନ୍ନ ହେଉଛି। ଏଥିପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ବୋଲି ପ୍ରଫେସର ତ୍ରିପାଠୀ କହିଛନ୍ତି।



ନିର୍ମାଣଧୀନ ଶ୍ରୀଜଗନ୍ନାଥ ମନ୍ଦିର

# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ଭୁବନେଶ୍ୱର: ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୮୯ତମ ଶ୍ରାଦ୍ଧଦିବସ ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି। ବାଣୀବିହାର ପୁରାତନ ଛାତ୍ର ସଂଘ(ଭୋସ୍ ୯୨' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଅଶୋକ କୁମାର ଦାସ ମୁଖ୍ୟଅତିଥି ଓ ଓ୍ୱାର୍ଡେନ୍ ପ୍ରଫେସର କିଶୋର କୁମାର ବାସା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିଚାରଣ କରିଥିଲେ ଏବଂ ଛାତ୍ରଛାତ୍ରୀମାନେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ବାଣୀବିହାର ଦର୍ଶନଶାସ୍ତ୍ର ବିଭାଗ ଉଦ୍ୟାନ ପରିସରରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ କୁଳପତି ପ୍ରଫେସର ଦାସ ମାଲ୍ୟାର୍ପଣ କରିଥିଲେ।

ସେହିପରି ବାଣୀବିହାର ଗୋପବନ୍ଧୁ ଛାତ୍ରାବାସ ସମ୍ମୁଖ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପ୍ରଫେସର ଦାସ ମାଲ୍ୟାର୍ପଣ କରିଥିଲେ। ଦର୍ଶନଶାସ୍ତ୍ର ସ୍ନାତକୋତ୍ତର ବିଭାଗ ସଂଯୋଜକ ଡ.ସୁଧାକର ଜାଲିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ଭୋସ୍ ୯୨' ଆବାହକ ଗଦାଧର ରଥ, ଉପସଭାପତି ମନୋଜ କୁମାର ଦେଓ, ପ୍ରତିଷ୍ଠାତା ସଦସ୍ୟ ଅରୁନ୍ କୁମାର ଘୋଷ ଓ ସୁଶାନ୍ତ କୁମାର କର, ସାଂଗଠିକ ସଦସ୍ୟ ବିଷ୍ଣୁପ୍ରସାଦ ଦାସ, ହିମାଂସୁ ସ୍ୱାଇଁ, ସରିତ୍ ପଣ୍ଡା, ବଙ୍କିମ୍ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୟୁଜିସି ମାନବ ସମ୍ବଳ ବିକାଶ କେନ୍ଦ୍ରରେ ଗ୍ରୀଷ୍ମକାଳୀନ ଶିବିର

ଭୁବନେଶ୍ୱର: ଉତ୍କଳ ବିଶ୍ୱବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ୟୁଜିସି ମାନବ ସମ୍ବଳ ବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ଶିବିରରେ ସାମ୍ପ୍ରତିକ ପରିବର୍ତ୍ତନଶୀଳ ଯୁଗରେ ଉଚ୍ଚଶିକ୍ଷାର ବିକାଶ ଉପରେ ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟର ୩୬ଜଣ ଅଧ୍ୟାପକ ଓ ଅଧ୍ୟାପିକା ଅଂଶଗ୍ରହଣ କରିଛନ୍ତି।

ଉଦ୍‌ଘାଟନ ଉତ୍ସବରେ କୁଳପତି ପ୍ରଫେସର ଅଶୋକ କୁମାର ଦାସ ଭାରତରେ ଉଚ୍ଚଶିକ୍ଷାର ବିକାଶ ଉପରେ ଉଦ୍‌ବୋଧନ ଦେଇଥିଲେ। ପିଜି କାଉନ୍‌ସିଲ୍ ଅଧକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ୟୁଜିସି ମାନବ ସମ୍ବଳ ବିକାଶ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଜୟନ୍ତ କୁମାର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ ଓ ସହଯୋଗୀ ସଂଯୋଜକ ଏସ୍.ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଣୀବିହାରରେ ପରିସଂଖ୍ୟାନ ଦିବସ

ଭୁବନେଶ୍ୱର: ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ନ୍ୟାସ୍‌ନାଲ୍ ସାମ୍ପଲ୍ ସର୍ଭେ ଅଫିସ୍‌ର ମିଳିତ ଆନୁକୂଲ୍ୟରେ ବାଣୀବିହାର ପରିସଂଖ୍ୟାନ ସ୍ନାତକୋତ୍ତର ବିଭାଗ ପକ୍ଷରୁ ଏକାଦଶ ତମ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି।

ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ(ଆଇଏସ୍‌ଆଇ)ର ପ୍ରତିଷ୍ଠାତା ପ୍ରଫେସର ପି.ସି.ମହାଲାନୋବିସ୍ ସ୍ମୃତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌ଓ ଡିଜିଜି କେ.ପି.ମିଶ୍ର ଓ ପ୍ରଫେସର ଜେ.ଷଡ଼ଙ୍ଗୀ ଭାରତରେ ପରିସଂଖ୍ୟାନ କ୍ଷେତ୍ରରେ ପ୍ରଫେସର ପି.ସି.ମହାଲାନୋବିସ୍‌ଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋଚନା କରିବା ସହିତ ତାଙ୍କୁ ଭାରତୀୟ ପରିସଂଖ୍ୟାନର ଜନକ ବୋଲି ଅଭିହିତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପରିସଂଖ୍ୟାନ ବିଭାଗ ମୁଖ୍ୟ ଡ.ପ୍ରିୟରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନାକ କରିଥିଲେ।



# ବାଣୀବିହାରରେ ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନ






ଭୁବନେଶ୍ୱର:ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତିଷ୍ଠା ହୋଇଛି ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନ। ବନ ଉନ୍ନୟନ ସଂସ୍ଥା ପକ୍ଷରୁ ଏହା ନିର୍ମାଣ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୪୧, ୨୫,୦୦ ଟଙ୍କା ଏବଂ ବିଶ୍ୱବିଦ୍ୟାଳୟର ନିଜସ୍ୱ ପାଣ୍ଠିରୁ ୧,୪୧,୦୦,୦୦୦ଟଙ୍କା ବ୍ୟୟ ଅଟକଳରେ ଏହି ବହୁମୁଖୀ କ୍ରୀଡ଼ାଙ୍ଗନ ନିର୍ମିତ ହୋଇଛି। ୧୫ ଏକର ଜାଗାରେ ନିର୍ମିତ ଏହି ଷ୍ଟାଡ଼ିୟମ୍‌ରେ ତିନି ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ବସିବା ବ୍ୟବସ୍ଥା କରାଯାଇଛି। ଏଠାରେ ଫୁଟବଲ୍, ବାସ୍କେଟ୍‌ବଲ୍, ଭଲିବଲ୍, କ୍ରିକେଟ୍, କବାଡ଼ି, ଖୋଖୋ ଆଦି ଖେଳିବା ପାଇଁ ଭିତ୍ତିଭୂମି ବିକାଶ କରାଯାଇଛି।ଏଠାରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ କ୍ରୀଡ଼ାରେ ଅଭ୍ୟାସ ଓ ଦକ୍ଷତା ହାସଲ ପାଇଁ ବ୍ୟବସ୍ଥା କରାଯାଇଛି। ବାଣୀବିହାର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମେତ ଭିଏସ୍ଏସ୍‌ନଗର, ଆଚାର୍ଯ୍ୟବିହାର, ସତ୍‌ସଙ୍ଗବିହାର, ସହିଦନଗର, ଗଜପତିନଗର, ଲକ୍ଷ୍ମୀବିହାର ଆଦି ଅଞ୍ଚଳରୁ ବହୁ ବ୍ୟକ୍ତି ଏଠି ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ କରୁଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୧୭ ସାଧାରଣତନ୍ତ୍ର ଦିବସ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖ ପରିବର୍ତ୍ତେ ପ୍ରଥମ ଥର ଲାଗି ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନ ପରିସରରେ ଅନୁଷ୍ଠିତ ହୋଇଥିଲା। ବାଣୀବିହାର ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନକୁ ୨୦୧୬ ଅଗଷ୍ଟ ୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।

# କଳିଙ୍ଗ ଷ୍ଟାଡିୟମରେ ଏସୀୟ ଦୌଡକୁଦ ପ୍ରତିଯୋଗିତା

ଭୁବନେଶ୍ୱର: କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ହେବ ଏସୀୟ ଦୌଡକୁଦ ପ୍ରତିଯୋଗିତାର ଟ୍ରାକ୍ ଟକ୍କର। ଏଥିପାଇଁ ଟ୍ରାକ୍ , ଦର୍ଶକ ଗ୍ୟାଲେରି, କ୍ରୀଡା ଛାତ୍ରାବାସ ସହ ପୂରା ଷ୍ଟାଡିୟମକୁ ନୂଆ ରୂପରେ ସଜେଇ ଦିଆଯାଇଛି। ପ୍ରତିଯୋଗିତାରେ ୪୫ଟି ଦେଶର ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହାର ପରିଚାଳନା କରିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏସୀୟ ଦୌଡକୁଦ ପ୍ରତିଯୋଗିତାକୁ ପରିଚାଳନା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଏସୀଆ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତରୁ ୭୯ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବାକୁବେଳେ ସେଥିରେ ଓଡ଼ିଶାର ୫ଜଣ ଖେଳାଳି ମନୋନୀତ ହୋଇଛନ୍ତି।

ଭାରତରେ ତୃତୀୟ ଓ ଓଡିଶାରେ ପ୍ରଥମ ଥର ପାଇଁ ଏସୀୟ ମହାଦେଶର କ୍ରୀଡା ମହାକୁମ୍ଭ ଏସୀୟ ଦୌଡକୁଦ ପ୍ରତିଯୋଗିତା ଖେଳାଯିବ। ପ୍ରତିଯୋଗିତା ଲାଗି ମୁଖ୍ୟ ସିନ୍ଥେଟିକ ଟ୍ରାକ୍ ନବୀକରଣ ସମେତ ଷ୍ଟାଡିୟମର ସୌନ୍ଦର୍ଯ୍ୟକରଣ ଓ ଗ୍ୟାଲେରିର ନବୀକରଣ କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ କରାଯାଇଥିଲା। ଏକ ସପ୍ତାହ ପୂର୍ବରୁ ପ୍ରତିଯୋଗିତା ପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ପ୍ରତିଯୋଗିତାରେ ୪୫ଟି ରାଷ୍ଟ୍ରର ୧୧୦୪ ଅଫିସିଆଲ ଓ ଖେଳାଳି ଭୁବନେଶ୍ୱରରେ ସମାଗମ ହେବେ। ଏଥିପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଓଡିଶା କ୍ରୀଡା ଇତିହାସରେ ଏଭଳି ଏକ ପ୍ରତିଯୋଗିତା ଓଡ଼ିଶା ପାଇଁ ବଡ ଉପଲବ୍ଧି ହେବ। ଉକ୍ତ ପ୍ରତିଯୋଗିତାକୁ ସର୍ବଶ୍ରେଷ୍ଠ ପ୍ରତିଯୋଗିତାରେ ପରିଣତ କରିବା ନେଇ ଯୋଜନା ଓ ବିଭିନ୍ନ ପ୍ରକାର କାର୍ଯ୍ୟ ପ୍ରସ୍ତୁତ ହୋଇଛି। ଯାହା ଓଡିଶାକୁ ବିଶ୍ୱ ଦେଖିବା ସହିତ କ୍ରୀଡା ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡି ହେବ ବୋଲି କ୍ରୀଡା ଓ ଯୁବ ସେବା ବିଭାଗ ସଚିବ ବିଶାଳ ଦେବ ପ୍ରକାଶ କରିଛନ୍ତି।

**ଗ୍ୟାଲେରି :** ଷ୍ଟାଡିୟମରେ ଦର୍ଶକମାନଙ୍କ ଲାଗି ଉପଲବ୍ଧ ଥିବା ଗ୍ୟାଲେରିଗୁଡିକର ନବୀକରଣ କାର୍ଯ୍ୟ ଆଗେଇ ଚାଲିଛି। ଗ୍ୟାଲେରି ଗୁଡିକ ରଙ୍ଗ କରାଯାଉଥିବାବେଳେ ମରାମତି କାର୍ଯ୍ୟ ମଧ୍ୟ କରାଯାଉଛି। ପ୍ରତିଯୋଗିତା ସମୟରେ ଦର୍ଶକମାନେ ଯେପରି ଷ୍ଟାଡିୟମରେ ବସି ଖେଳ ଦେଖିପାରିବେ ସେ ନେଇ ପ୍ରସ୍ତୁତି ହୋଇଛି।

**ଅଭ୍ୟାସ ଟ୍ରାକ୍ :** ଷ୍ଟାଡିୟମରେ ରହିଥିବା ମୁଖ୍ୟ ଟ୍ରାକ୍ ସହିତ ଅଭ୍ୟାସ ଲାଗି ସ୍ୱତନ୍ତ୍ର ଟ୍ରାକ୍ ରହିଛି। ଉକ୍ତ ଟ୍ରାକ୍‌ର ନବୀକରଣ କରାଯାଇଛି।

**ନୂଆ ରୂପରେ ସିନ୍ଥେଟିକ ଟ୍ରାକ :** ପୁରୁଣା ସିନ୍ଥେଟିକ ଟ୍ରାକ୍ ହଟାଯାଇ ନୂତନ ଅଷ୍ଟ୍ରେଲିଆନ ଟ୍ରାକ ବିଛାଯାଇଛି। ନାଲି ରଙ୍ଗର ସିନ୍ଥେଟିକ ଟ୍ରାକ ଏବେ କଳିଙ୍ଗ ଷ୍ଟାଡିୟମକୁ ନୂତନ ରୂପ ଦେଇଛି। ମୋଟ ୧୦ଟି ୧୦୦ ମିଟର ଓ ୬ଟି ୪୦୦ ମିଟର ଟ୍ରାକ୍ ବିଛାଯାଇଛି।

**ରାସ୍ତା ସୌନ୍ଦର୍ଯ୍ୟକରଣ :** ଷ୍ଟାଡିୟମର ଚତୁର୍ଃପାର୍ଶ୍ୱରେ ଥିବା ସମସ୍ତ ରାସ୍ତାର ସୌନ୍ଦର୍ଯ୍ୟକରଣ କରାଯାଇଛି। ସେହିପରି ଷ୍ଟାଡିୟମ ଭିତର ଓ ବାହାର ରାସ୍ତା ଗୁଡିକ ମରାମତି ସାଙ୍ଗକୁ ସୌନ୍ଦର୍ଯ୍ୟକରଣ କରାଯାଇଛି। ପ୍ରତିଯୋଗିତାର ଅଧିକ ପ୍ରଚାର ଓ ପ୍ରସାର କରିବା ଲକ୍ଷ୍ୟ ନେଇ ସହରର ବିଭିନ୍ନ ସ୍ଥାନଗୁଡ଼ିକରେ ବଡବଡ ହୋର୍ଡିଂ ମଧ୍ୟ ଲଗାଯାଇଛି।






ଉପଦେଷ୍ଟା ମଣ୍ଡଳୀ

ମୁଖ୍ୟ ଉପଦେଷ୍ଟା: ପ୍ରଫେସର ଅଶୋକ କୁମାର ଦାସ, କୁଳପତି; ଉପଦେଷ୍ଟା ମଣ୍ଡଳୀ ସଦସ୍ୟ: ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ, ଅଧ୍ୟକ୍ଷ, ସ୍ନାତକୋତ୍ତର ପରିଷଦ; ଶ୍ରୀ ମନ୍ମଥ କୁମାର ବିଶ୍ୱାଳ, କୁଳସଚିବ; ପ୍ରଫେସର ସ୍ୱପ୍ନା ମହାପାତ୍ର, ନିର୍ଦ୍ଦେଶିକା, ଗବେଷଣା ଓ ଉନ୍ନୟନ; ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିର୍ଦ୍ଦେଶକ, ମହାବିଦ୍ୟାଳୟ ଉନ୍ନୟନ ପରିଷଦ; ଶ୍ରୀ ବିଦ୍ୟାଧର ନାୟକ, ବିତ୍ତ ନିୟନ୍ତ୍ରକ; ଡ. ପ୍ରଦୀପ କୁମାର ବେହେରା, ପରୀକ୍ଷା ନିୟନ୍ତ୍ରକ; ପ୍ରଫେସର ସୁସ୍ମିତ ପ୍ରସାଦ ପାଣି, ନିର୍ଦ୍ଦେଶକ, ଦୂର ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ; ପ୍ରଫେସର କିଶୋର କୁମାର ବାସା, ନିର୍ଦ୍ଦେଶକ, ଆଇକ୍ୟୁଏସି; ପ୍ରଫେସର ଜୟନ୍ତ କୁମାର ପରିଡ଼ା, ନିର୍ଦ୍ଦେଶକ, ଏଚ୍ଆର୍‌ଡିସି(ଏଏସ୍‌ସି); ପ୍ରଫେସର ସତୀଶ ପ୍ରଧାନ, ଭାରପ୍ରାପ୍ତ ପ୍ରଫେସର,କମ୍ପ୍ୟୁଟର ସେଣ୍ଟର; ଡ.ଚିନ୍ମୟ ପ୍ରଧାନ ଛାତ୍ର ମଙ୍ଗଳ ନିର୍ଦ୍ଦେଶକ; ପ୍ରଫେସର କବୀର ମୋହନ ସେଠୀ, କ୍ରୀଡ଼ା ପରିଷଦ, ନିର୍ଦ୍ଦେଶକ; ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ସଂଯୋଜିକା, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ; ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ, ଇଂରାଜୀ ବିଭାଗ ମୁଖ୍ୟ ଓ ଡ.ବିଷ୍ଣୁପ୍ରିୟା ଓତା , ଓଡ଼ିଆ ବିଭାଗ ମୁଖ୍ୟ। ସମ୍ପାଦିକା:ଡ.ପଦ୍ମାଳୟା ମହାପାତ୍ର କାର୍ଯ୍ୟକାରୀ ସମ୍ପାଦକ:ଡ.ରମାକାନ୍ତ ମହାନନ୍ଦ

Published by Journalism and Mass Communication programme running on a self financing mode under P.G. Department of Public Administration and Owned by Utkal University, Vanivihar, Bhubaneswar-751004. Email :utkaluniversity1@gmail.com